## ନନ୍ଦନକାନନରେ ସିମ୍ପାଞ୍ଜି 'ଜୁଲୁ' ଅସୁସ୍ଥ

ତ୍ରିଶୂଳିଆ,(ତୁଷାରକାନ୍ତ ବେହେରା): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୦ ନଂ. ଖୁଆଡ଼ରେ ରହୁଥିବା ୩୪ ବର୍ଷୀୟ ଅଣ୍ଡିରା ସିମ୍ପାଞ୍ଜି 'ଜୁଲୁ'ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ସେ ଶନିବାର ବୁଲାବୁଲି କରୁଥିବାବେଳେ ହଠାତ୍ ମୁଣ୍ଡ ବୁଲାଇବାରୁ ଗୋଟିଏ ସ୍ଥାନରେ ବସି ରହିଥିଲା। ପ୍ରାଣୀ ବିଭାଗର ଅଧିକାରୀ ଜୁଲୁର ସ୍ୱାସ୍ଥ୍ୟାବସ୍ଥା ଅନୁଧାନ କରିଥିବାବେଳେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ। ସିଙ୍ଗାପୁରରୁ ୧୯୯୪ ମେ' ୧୬ରେ ୪ବର୍ଷର ଜୁଲୁ' ଓ ୩ ବର୍ଷର ମାଈ ସିମ୍ପାଞ୍ଜି ପାମ୍ପେଟାକୁ ନନ୍ଦନକାନନ ଅଣାଯାଇଥିଲା।



## ସଂକ୍ଷେପରେ

### ଭିଡ଼ରେ ଘଣ୍ଟାଏ ଫସିରହିଲା ଆମ୍ବୁଲାନ୍ସ

ତ୍ରିଶୂଳିଆ,୭।୧୨ (ତୁଷାରକାନ୍ତ ବେହେରା): ବାରଙ୍ଗ ଅଞ୍ଚଳରେ ଏକାଧିକ ବିବାହ ମଣ୍ଡପ ରହିଥିବାବେଳେ ଲୋକେ ବାହାରେ ଗାଡ଼ି ପାର୍କିଂ କରୁଛନ୍ତି। ଫଳରେ ବାରଙ୍ଗ-ନନ୍ଦନକାନନ ମୁଖ୍ୟରାସ୍ତା ପ୍ରାୟ ସମୟରେ ଜାମ୍ ରହୁଛି। ଶନିବାର ରାତି ୯ଟାରୁ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ଜାମ୍ ହୋଇଥିଲେ ମଧ୍ୟ ପୋଲିସ ବା ଟ୍ରାଫିକ କର୍ମଚାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରିକି ଏକ ଆମ୍ବୁଲାନ୍ସ ଭିଡ଼ ଭିତରେ ୧ ଘଣ୍ଟାରୁ ଅଧିକ ସମୟ ଧରି ଫସି ରହିଥିଲା। ଏଣୁ ପ୍ରଶାସନ ଏ ମଣ୍ଡପ ଆଗରେ ହେଉଥିବା ବେଆଇନ ପାର୍କିଂ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଯୁବତୀଙ୍କୁ ଗାଳିଗୁଲଜ, ଯୁବକ ଗିରଫ

ବାରଙ୍ଗ/ତ୍ରିଶୂଳିଆ,୭।୧୨(ଲିଙ୍ଗରାଜ ରାଉତ)/ତୁଷାରକାନ୍ତ ବେହେରା): ଜଣେ ଯୁବତୀଙ୍କୁଗାଳିଗୁଲଜ କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାରଙ୍ଗ ଥାନା ଅଧୀନ ଦାଢାପାଟଣା ଗ୍ରାମର ବାସୁଦେବ ସାହୁ। ଏନେଇ ପୋଲିସ ୪୭୫/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦାଢାପାଟଣା ଷ୍ଟେଟ୍ ବ୍ୟାଙ୍କ ରାସ୍ତାରେ ତପସ୍ୱିନୀ ସେଠୀ ତାଙ୍କ ସାନ ଭଉଣୀ ସହ ଯାଉଥିବାବେଳେ ବାସୁଦେବ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଏଥିସହ ହତ୍ୟା ଧମକ ଦେଇଥିଲେ। ଏନେଇ ତପସ୍ୱିନୀଙ୍କ ବାପା ତପନ ଥାନାରେ ଅଭିଯୋଗ କରିଥିଲେ।

# ଆରମ୍ଭ ହେଲା ଡଗ୍ ଶୋ'

## ଆଜି ଅଲ୍ ବ୍ରିଡ୍ ଡଗ୍ ଶୋ'ରେ ଭାଗନେବେ ୩୦୦ ଡଗ୍


ରଟ୍‌ୱିଲର

ଭୁବନେଶ୍ୱର, ୭।୧୨ (ବନ୍ଦନା ସେଠୀ)

ଓଡ଼ିଶା କେନେଲ୍ କ୍ଲବ୍ (ଓକେସି) ପକ୍ଷରୁ ଓୟୁଏଟି ଭେଟେରିନାରି କଲେଜ ଖେଳପଡିଆରେ ଶନିବାର ଡଗ୍ ଶୋ' ଆରମ୍ଭ ହୋଇଛି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଏହାକୁ ଉଦ୍‌ଘାଟନ କରିଥିଲେ। ଦେଶର ପ୍ରାୟ ୧୫ଟି ରାଜ୍ୟରୁ କୁକୁରଙ୍କ ସହିତ ସେମାନଙ୍କ ମାଲିକ ଯୋଗଦେଇଥିବାବେଳେ ପ୍ରଥମ ଦିନରେ ଓବିଡିଏଣ୍ଟ ଟ୍ରାଏଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ଓପନ୍ କାଟେଗୋରି ହୋଇଥିବାରୁ ଏଥିରେ ଜର୍ମାନ ସେଫର୍ଡ, ବିଗଲ୍, ଲାବ୍ରାଡର୍, ଡ୍ୟାସ୍ ହାଉଣ୍ଡ, ରଟ୍‌ୱିଲର୍ ଭଳି ବିଭିନ୍ନ ବ୍ରିଡ୍‌ର କୁକୁରମାନେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସି.ଆର୍. ପଟ୍ଟନାୟକ ଜଜ୍ ଦାୟିତ୍ୱ ତୁଲାଇଥିଲେ। କୁକୁରମାନେ ମାଲିକଙ୍କ କଥା ମାନି ବସ୍ ଉଠ୍ ହେବା ସହିତ ବିଭିନ୍ନ ଆଦେଶକୁ ପାଳନ କରିଥିଲେ। ମାଲିକଙ୍କ ଆଦେଶ ନ ମିଳିବା ପର୍ଯ୍ୟନ୍ତ କୁକୁରମାନେ ପ୍ରାୟ ୩ ମିନିଟ୍ ପର୍ଯ୍ୟନ୍ତ ଚୁପ୍ ହୋଇ ବସି ରହିବା ସହ ମଣିଷଙ୍କ ଦେହର ଗନ୍ଧବାରି ରୁମାଲ୍ ଖୋଜିବା ଭଳି କଷ୍ଟକର କାର୍ଯ୍ୟକୁ ମଧ୍ୟ ଅତି ସୁନ୍ଦର ଭାବେ ସମ୍ପାଦନ କରିଥିଲେ। ସେହିପରି ପ୍ରଥମ ଦିନରେ ୩ଟି ସ୍ୱତନ୍ତ୍ର ଶୋ' ଆୟୋଜିତ ହୋଇଥିଲା। ଏଥିରେ ମାତ୍ର ୩ଟି ବ୍ରିଡ୍‌ର କୁକୁର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଜର୍ମାନ୍ ସେଫର୍ଡ ସ୍ପେଶାଲ ଶୋ', ବିଗଲ୍ ସ୍ପେଶାଲ ଶୋ' ଏବଂ ଲାବ୍ରାଡର୍ ସ୍ପେଶାଲ୍ ଶୋ' ଅନୁଷ୍ଠିତ ହୋଇଥିଲା। ଏକ୍ୟୁଡୋର୍‌ରୁ ଆସିଥିବା ଅନ୍ତଃରାଷ୍ଟ୍ରୀୟ ସ୍ପେଶାଲ୍ ଜଜ୍ କାର୍ଲୋସ ରବର୍ଟ କୈପୁତି ଜର୍ମାନ ସେଫର୍ଡ ସ୍ପେଶାଲ୍ ଶୋ'ର ଜଜ୍ ଭାବେ ଦାୟିତ୍ୱ ତୁଲାଇ ଥିବାବେଳେ ପର୍ତ୍ତୁଗାଲ୍‌ର ଏଫ୍‌ସିଆଇ ଅନ୍ତଃରାଷ୍ଟ୍ରୀୟ ଜଜ୍ ଲୁଇସ୍ ପେଇସ୍କୋଟୋ ଉଭୟ ବିଗଲ୍ ସ୍ପେଶାଲ୍ ଶୋ' ଏବଂ ଲାବ୍ରୋଡୋର ସ୍ପେଶାଲ୍ ଶୋ'ର ବିଚାରକ ରହିଥିଲେ। ରବିବାର ମୁଖ୍ୟ କାର୍ଯ୍ୟକ୍ରମ 'ଅଲ୍ ବ୍ରିଡ୍ ଡଗ୍ ଶୋ' ଅନୁଷ୍ଠିତ ହେବ। ଏଥିରେ ୩୦ଟି ବ୍ରିଡ୍‌ର ପ୍ରାୟ ୩୦୦ କୁକୁର ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କ୍ଲବ୍ ସଭାପତି ସୁବ୍ରତ ପୃଷ୍ଟି ସୂଚନା ଦେଇଛନ୍ତି।


ଜର୍ମାନ ସେଫର୍ଡ




ଏକ କୁକୁର ମୁହଁରେ ରୁମାଲ ପକାଇ ମାଲିକଙ୍କ ଆଦେଶକୁ ଅପେକ୍ଷା କରିଛି।




ଲାବ୍ରାଡର୍

## ଛିଡ଼ିଲା ରେଳ ଫାଟକ କେବୁଲ, ଫସିଲେ ଯାତ୍ରୀ

ତ୍ରିଶୂଳିଆ,୭।୧୨(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ନରାଜ-ମାର୍ଥାପୁର ରେଳ ଫାଟକ ଖୋଲିବାବେଳେ କୌଣସି କାରଣରୁ ଫାଟକର କେବୁଲ ଛିଡ଼ି ଯିବାରୁ ହଠାତ୍ ଗେଟ୍‌ଟି ଖସି ପଡ଼ିଛି। ଫଳରେ ରେଳ ଫାଟକ ମଝିରେ ଏତାଧିକ ଲୋକ ଫସି ରହିଥିଲେ। ସୌଭାଗ୍ୟବଶତଃ ସେମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ରେଳ ଫାଟକ ଜଗୁଆଳି ଗେଟ୍ ଟେକି ଧରିବା ପରେ ଲୋକେ ଫାଟକ ପାରି ହୋଇଥିଲେ। ଗେଟ୍‌ର ମରାମତି ଦାୟିତ୍ୱରେ ଥିବା ରେଳ କର୍ମଚାରୀଙ୍କ ବେପରୁଆ କାର୍ଯ୍ୟ ପାଇଁ ଏପରି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ଏଭଳି ଘଟଣା ଯେପରି ନ ଘଟେ ସେ ନେଇ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଲୟୋଲା ସ୍କୁଲରେ ସିନିୟର ପ୍ୟାରେଣ୍ଟ୍ସ ନାଇଟ୍



ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

ଲୟୋଲା ସ୍କୁଲ ପକ୍ଷରୁ ଶନିବାର ବାର୍ଷିକ ସିନିୟର ପ୍ୟାରେଣ୍ଟସ ନାଇଟ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଏକ୍ସଆଇଏମ୍‌ବି ବିଶ୍ୱବିଦ୍ୟାଳୟ କୁଳପତି ଫାଦର ଡ. ଆଣ୍ଟୋନୀ ଉଭାରି, ସମ୍ମାନିତ ଅତିଥି ଭାବେ ଫାଦର ପାୟସ, ବିଦ୍ୟାଳୟର ରେକ୍ଟର ଫାଦର ଅଗଷ୍ଟିନ ଓ ଉପାଧ୍ୟକ୍ଷା ନନ୍ଦିତା ପଟ୍ଟନାୟକ ପ୍ରମୁଖ ପ୍ରେରଣାତ୍ମକ ବକ୍ତବ୍ୟ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଭାବାତ୍ମକ ଅଭିନୟ ପ୍ରଦର୍ଶନ କରି ଉପସ୍ଥିତ ଅତିଥି, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଦେଶଭକ୍ତି, ପରିବାର ମୂଲ୍ୟବୋଧ, ଏକତାରେ ବିଭିନ୍ନତା, ସାମାଜିକ ସମସ୍ୟା ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋସ୍‌ଲୋଁ କି ଉଡାନ୍, ଇକୋସ୍ ଅଫ୍ ଦ ରିଭର୍, ଲାଇଫ୍ ଅଫ୍ ବୁଦ୍ଧ, ଷ୍ଟେଜ୍ ଅଫ୍ ଲାଇଫ୍, ବିୟୁଟି ଆଣ୍ଡ୍ ଦ ବିଷ୍ଟ, ଷ୍ଟିଲ୍ ଆଇ ରାଇଜ୍, ୟଙ୍ଗ ଆଣ୍ଡ୍ ଷ୍ଟ୍ରଙ୍ଗ୍ ଲିଡିଙ୍ଗ ଏଲଙ୍ଗ ଦର୍ଶକମାନଙ୍କୁ ଆମୋଦିତ କରିଥିଲା। ସ୍କୁଲ ଅଧ୍ୟକ୍ଷ ଫାଦର୍ ଅମ୍ଳାଡୋସ ଧନ୍ୟବାଦ ଦେଇଥିଲେ।

## ମିସ୍, ମିଷ୍ଟର, ମିସେସ୍ ଓଡ଼ିଶା ସମ୍ମାନିତ




ଭୁବନେଶ୍ୱର,୭।୧୨(ସୌମ୍ୟରଞ୍ଜନ ରାଉତ)- ମିସ୍, ମିଷ୍ଟର, ମିସେସ୍ ଓଡ଼ିଶା ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଡ. ପଟ୍ଟନାୟକ ଫ୍ୟାନ୍ କ୍ଲବ ପକ୍ଷରୁ ଫେମ୍ ଫିଲ୍ମ ଆନୁକୂଲ୍ୟରେ ଗୀତଗୋବିନ୍ଦ ସଦନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମିସେସ କାଟାଗୋରିରେ ମହିଳା ବର୍ଗରେ କେ. ମଞ୍ଜୁ ରାଓ, ଆନନ୍ଦା, ଆଶା ଯାନୀ, ଦୀପ୍ତି, ପୁରୁଷ ବର୍ଗରେ ଶୁଭଜିତ ରଥ, ସାଇ ମିଶ୍ର ଏବଂ ଝିଅ ବର୍ଗରେ ସାରଲୀନ ଲେଙ୍କା, ବିଶାଖା ପାଢୀ, ସୁକନ୍ୟା ଓ ଅନ୍ୟମାନଙ୍କ ମଧ୍ୟରେ ଆରାଧ୍ୟା ନନ୍ଦ, ପ୍ରିୟମ, ସୁମିତ୍ରା, ଜ୍ୟୋତି, ଶିବାନୀ, ପଲକ, ଅଞ୍ଜନା, ଗୀତାଞ୍ଜଳି, ସରୋଜିନୀ ପ୍ରମୁଖଙ୍କୁ ମିଶାଇ ମୋଟ ୧୬୪ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଦୁର୍ଗାଚରଣ ତନ୍ତୀ ଏବଂ ଭାଜପା ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ଫିଲ୍ମ ବିଶ୍ଳେଷକ ଲଳିତ ଶତପଥୀ ଯୋଗଦେଇଥିଲେ। ଫେମ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ହୃଷୀକେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଅଚ୍ୟୁତ ସାମନ୍ତଙ୍କୁ ୬୨ତମ ସମ୍ମାନସୂଚକ ଡକ୍ଟରେଟ୍




ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଶନିବାର ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ସମାରୋହରେ ସେ ଏହି ସମ୍ମାନ ପାଇଛନ୍ତି। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ମାନ ଗ୍ରହଣ କରି ସାମନ୍ତ କହିଛନ୍ତି, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି। ଏହି ୬୨ତମ ସମ୍ମାନସୂଚକ ଡକ୍ଟରେଟ୍ ନିଶ୍ଚିତ ଭାବେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଇସ୍ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲ୍ୟୁଟେନାଣ୍ଟ ଜେନେରାଲ୍ ଏନ୍‌ଏସ୍ ରାଜା ସୁବ୍ରମଣି ଯୋଗଦେଇଥିବାବେଳେ ବିଶ୍ୱବିଦ୍ୟାଳୟ କୁଳପତି ତଥା ସଭାପତି ଡ. ସୁରେଶ ଚନ୍ଦ୍ର ପାଢୀ ଉପସ୍ଥିତ ଥିଲେ।

## କଟକରେ ହେବ ଅତ୍ୟାଧୁନିକ ତାରକସୀ ହବ୍

### ଜିଲା ପ୍ରଶାସନ-ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

କଟକ,୭।୧୨ (କାର୍ତ୍ତିକ ସାହୁ)

ରୁପା ତାରକସୀ କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ତଥା ତାରକସୀ ଶିଳ୍ପର ଉନ୍ନତୀକରଣ ନିମନ୍ତେ କଟକରେ ହେବ ତାରକସୀର ଅତ୍ୟାଧୁନିକ ହବ୍ । ଏଥିରେ କାରିଗରଙ୍କୁ ନୂତନ ଜ୍ଞାନକୌଶଳଯୁକ୍ତ ଯନ୍ତ୍ରପାତି ଓ ଅତ୍ୟାଧୁନିକ ତାଲିମ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ। ଏଥିସହ ତାରକସୀ ସାମଗ୍ରୀ ପ୍ରଦର୍ଶନୀ, ବିକ୍ରି ତଥା ରପ୍ତାନି, ବିନା ଶୁଳ୍କରେ ରୁପା କ୍ରୟ, ତାରକସୀ ସାମଗ୍ରୀ ତିଆରି ସମୟରେ ଏହାର ନିର୍ମାଣ ମୂଲ୍ୟ ବା ମେକିଙ୍ଗ ଚାର୍ଜ କିପରି ହ୍ରାସ କରାଯାଇପାରିବ, ମାନ ନିର୍ଦ୍ଧାରଣ ସୁବିଧା ଆଦି ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କରମଲକାରଙ୍କ ଉପସ୍ଥିତିରେ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟ୍ରେପ୍ରିନ୍ୟୁରସିପ୍ ପାର୍କର ସିଇଓ ଡ. ଶୁଭଙ୍କର ପତି ଏବଂ ଜିଲା ଶିଳ୍ପକେନ୍ଦ୍ରର ସହାୟକ ନିର୍ଦ୍ଦେଶକ ନମିତା ମିଶ୍ର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।


ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ଭୁବନେଶ୍ୱର ପକ୍ଷରୁ କ୍ୟାପିଟାଲ ହାଇସ୍କୁଲ୍ ପରିସରରେ ଚାଲିଥିବା ୩୨ତମ ଜିଲା କ୍ୟାମ୍ପୋରିର ଶନିବାର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

### ବଧୂହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ବାରଙ୍ଗ,୭।୧୨(ଲିଙ୍ଗରାଜ ରାଉତ): ଶାଶୁଘର ଲୋକେ ଝିଅକୁ ନିଆଁ ଲଗାଇ ପୋଡ଼ି ମାରିଦେଇଥିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ସ୍ୱାମୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାରଙ୍ଗ ଥାନା ଅଧୀନ ପଞ୍ଚୁପାଳ ଗ୍ରାମର ଦୀପକ ଷଡ଼ଙ୍ଗୀ। ସୂଚନା ମୁତାବକ, ଦୀପକଙ୍କ ସହ ଡେଲାଙ୍ଗ ଥାନା ଅଧୀନ ରେଙ୍ଗାଲ ଗ୍ରାମର ଝୁନା ଷଡ଼ଙ୍ଗୀଙ୍କ ଝିଅଙ୍କ ବିବାହ ହୋଇଥିଲା। ନଭେମ୍ବର ୧୬ ତାରିଖ ରାତିରେ ଝିଅ ପୋଡ଼ି ହୋଇଯାଇଥିବା ନେଇ ଶାଶୁଘର ଲୋକେ ଫୋନ କରି ଜଣାଇଥିଲେ। ଶାଶୁଘର ଲୋକେ ତାଙ୍କୁ କିରୋସିନି ଢାଳି ନିଆଁ ଲଗାଇ ମାରି ଦେବାକୁ ଉଦ୍ୟମ କରିଥିବା ନେଇ ଝିଅ ମା'ଙ୍କୁ ଜଣାଇଥିଲେ। ମହିଳାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିବାବେଳେ ନଭେମ୍ବର ୨୧ରେ ତାଙ୍କର ମୃତ୍ୟୁ ଘଟିଥିବା ଝୁନା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ପୋଲିସ ୪୫୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଖୋଜୁଥିବା ଜାଣି ଶାଶୁଘରର ସମସ୍ତ ସଦସ୍ୟ ଫେରାର ଥିଲେ। ଦୀପକ ବାରଙ୍ଗରେ ବୁଲୁଥିବା ପୋଲିସ ଖବରପାଇ ତାଙ୍କୁ କାବୁ କରିଥିଲା।

## ଏଲ୍‌ଆଇସି ଗୋଲ୍ଡେନ୍ ଫାଉଣ୍ଡେଶନ ପକ୍ଷରୁ ଏସ୍ ଏଲ୍ ଏସ୍ ଟ୍ରଷ୍ଟକୁ ଆମ୍ବୁଲାନ୍ସ ପ୍ରଦାନ



ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଗୋଲ୍ଡେନ୍ ଫାଉଣ୍ଡେଶନ୍‌ର କଟକ ମଣ୍ଡଳ ସହାୟତାରେ ମୟୂରଭଞ୍ଜସ୍ଥିତ ଏସ୍ ଏଲ୍ ଏସ୍ ଟ୍ରଷ୍ଟକୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହି ଟ୍ରଷ୍ଟ ଏକ ଦଶନ୍ଧିରୁ ଅଧିକ ସମୟ ହେବ ଜିଲାରେ ବିଭିନ୍ନ କାର୍ଯ୍ୟ କରିଆସୁଛି। ବିଶେଷକରି ଜଙ୍ଗଲ ଅଞ୍ଚଳ, ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଥିବା ଆଦିବାସୀ, ହରିଜନ ଓ ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ଦିଗରେ କାର୍ଯ୍ୟ କରୁଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ଟ୍ରଷ୍ଟକୁ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ସମୟରେ ଏହି ଆମ୍ବୁଲାନ୍ସ ଟ୍ରଷ୍ଟର ସହନିର୍ଦ୍ଦେଶକ ସୁବୋଧ କୁମାରଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଏଲ୍‌ଆଇସିର ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତି, ପୂର୍ବ-ମଧ୍ୟ କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, କଟକ ମଣ୍ଡଳର ବିପଣନ ପ୍ରବନ୍ଧକ ଅଶୋକ କୁମାର ରାୟଙ୍କ ସମେତ ଏସ୍ ଏଲ୍ ଏସ୍ ଟ୍ରଷ୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଯୁବଶକ୍ତି ହିଁ ରାଷ୍ଟ୍ରର ଭାଗ୍ୟ, ଭବିଷ୍ୟତ

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ

ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

ଏକ ସମୃଦ୍ଧ ରାଷ୍ଟ୍ରର ନିର୍ମାଣ ଓ ବିକାଶରେ ଯୁବଶକ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଭାରତରେ ଯୁବଶକ୍ତି ମଧ୍ୟରେ ଭରପୂର ଦକ୍ଷତା ଓ ପ୍ରତିଭା ରହିଛି। ଏମାନେ ହିଁ ଦେଶର ଭାଗ୍ୟ ଓ ଭବିଷ୍ୟତ। ଯୁବଶକ୍ତି ମଧ୍ୟରେ ଆତ୍ମଶକ୍ତି ଜାଗ୍ରତ ହେବା ଜରୁରୀ ବୋଲି ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବକେନ୍ଦ୍ର ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଜିଲାସ୍ତରୀୟ ଯୁବ ଉତ୍ସବରେ ଅତିଥିମାନେ କହିଛନ୍ତି। ମୁଖ୍ୟ ଅତିଥି ଭାବେ ୟଙ୍ଗ୍ ଇଣ୍ଡିଆନ୍ସର ସୋନାଲ ଏନ୍. ମୋରେ, ସମ୍ମାନିତ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସ୍ମୃତିରଞ୍ଜନ ଦାଶ, ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍‌ଏସ୍‌ଏସ୍‌ର ଯୁବ ଅଧିକାରୀ ଅଜିତ କୁମାର ଖୁସ୍‌ୱା, ଡ. ପ୍ରଭାତ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚପ୍ରାଣ ଉପରେ ଆଧାରିତ ବକ୍ତୃତା, ଚିତ୍ରକଳା, କବିତା ଲିଖନ, ଫଟୋଗ୍ରାଫି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାସହ ବିଜ୍ଞାନମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ସଙ୍ଗଠନର ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ମୁରଲୀଧର ଖରାଡ୍, ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଅରବିନ୍ଦ ଦାଶ, ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ବିପିନ୍ କୁମାର ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ବିଜେତାଙ୍କୁ ପୁରସ୍କୃତ କରିଥିଲେ। କୁଳମଣି ମଲ୍ଲିକ, ଶୁଭେନ୍ଦ୍ର ନାଥ ସାହୁ, ମନୋରଞ୍ଜନ ପାତ୍ର, ସତ୍ୟନାରାୟଣ ଶ୍ରୀଚନ୍ଦନ, ବିଶ୍ୱଜିତ ରାଉତରାୟ, ଦେବସ୍ମିତା ସାହୁ, ସୁମିତ୍ରା ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



ଯୁବ ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀମାନେ।

# ଆନ୍ତରିକତା ଅଭାବରୁ କାର୍ଯ୍ୟ ଆଗଉନି

**ଖୋର୍ଦ୍ଧା,୭।୧୨(ପ୍ରଭାତ ପାଣିଗ୍ରାହୀ)**

ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା। ବ୍ରିଟିଶ ବିରୋଧରେ ପାଇକ ବୀରମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ସେମାନଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ପାଇକ ବିଦ୍ରୋହର ଦ୍ୱି ଶତବାର୍ଷିକୀ ଅବସରରେ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ରବିବାର ଏହି ଶିଳାନ୍ୟାସକୁ ୫ବର୍ଷ ପୂରୁଛି। ପ୍ରଥମେ ପ୍ରସ୍ତାବିତ ଜମି ଜବରଦଖଲ ଏବଂ ପରେ ଜମି ହସ୍ତାନ୍ତରକୁ ନେଇ ରହିଥିବା ବିବାଦ ତୁଟୁଛି। ଇତି ମଧ୍ୟରେ ପ୍ରସ୍ତାବିତ ଜମିରେ ଜଙ୍ଗଲ ବିଭାଗ ପକ୍ଷରୁ ଲାଗିଥିବା ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ସମ୍ପ୍ରସାରଣ ହୋଇସାରିଛି। ତେବେ ନିର୍ମାଣ କାର୍ଯ୍ୟ ଗୋଟିଏ ପାର୍ଶ୍ୱ ପାଚେରି ନିର୍ମାଣରେ ସୀମିତ ରହିଛି। ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇଥର ସମୀକ୍ଷା କରିଥିଲେ। ଗତ କିଛି ମାସ ତଳେ ରାଜ୍ୟ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖୋର୍ଦ୍ଧା ଗସ୍ତରେ ଆସି ପାଇକ ସ୍ମାରକୀ ଏବଂ ଖୋର୍ଦ୍ଧାଗଡ଼ ସମୀକ୍ଷା କରିଥିଲେ। ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ସମସ୍ତ ସମସ୍ୟା ସମାଧାନ ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ ମନ୍ଥରତା ନେଇ

## ପାଇକ ସ୍ମାରକୀ ଶିଳାନ୍ୟାସକୁ ୫ବର୍ଷ



ପାଇକ ସ୍ମାରକୀ ସ୍ଥଳରେ ଉଠିଥିବା ଅନାବନା ଗଛଲତା।

ବୁଦ୍ଧିଜୀବୀ, ପାଇକ ସଙ୍ଗଠନ ସମେତ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆନ୍ତରିକତା, ସମନ୍ୱୟ ଅଭାବରୁ ସ୍ମାରକୀ କାର୍ଯ୍ୟ ବାଧକ ସାଜିଛି ବୋଲି ଚର୍ଚ୍ଚା ହେଉଛି। ସ୍ମାରକୀ ନିର୍ମାଣ ସ୍ଥଳ ଏବେ ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି। ନିକଟ ଶିକ୍ଷାନୁଷ୍ଠାନରୁ ବାହାରୁଥିବା ବର୍ଜ୍ୟବସ୍ତୁ ଏଠାରେ ପାହାଡ଼ ଭଳି ଗଦା ହେଲାଣି। ଅନ୍ୟପଟେ ଅନାବନା ଗଛଲତା ମାଡ଼ି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି।

୨୦୧୯ ଡିସେମ୍ବର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏନେଇ କେନ୍ଦ୍ର ସରକାର ୫୦ଏକର ଜାଗା ମାଗିଥିବା ବେଳେ ସରକାର ୧୦ଏକର ଜାଗା ଯୋଗାଇ ଦେଇଥିଲେ। ପ୍ରସ୍ତାବିତ ଜମି ଜବରଦଖଲ ମୁକ୍ତ ଏବଂ ପରେ ରାଜ୍ୟ ସରକାର ପ୍ରସ୍ତାବିତ ଜମିର ଫ୍ରି ପ୍ରିମିୟମ ଭାବେ ଯୋଗାଇଦେବା ଲାଗି ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ୨୦୨୨ ଜୁଲାଇରେ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ ପାଦଦେଶରେ ଏକର ୯.୬୮୫ ଡିସିମିଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ସ୍ମାରକୀ ନିର୍ମାଣ ନିମନ୍ତେ ତତ୍କାଳୀନ ରାଜ୍ୟ ସରକାର ବିନା ପ୍ରିମିୟମ, କ୍ୟାପିଟାଲ ଭାଲ୍ୟୁ ଏବଂ ଇନ୍ସିଡେଣ୍ଟାଲ ଚାର୍ଜରେ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ସପକ୍ଷରେ ଦେବା ଲାଗି ରାଜ୍ୟ କ୍ୟାବିନେଟର ଅନୁମୋଦନକ୍ରମେ ଏଥିନିମନ୍ତେ ୩୧,୯୭,୬୨,୯୩୪ ଟଙ୍କା ରାଜସ୍ୱ ଦେୟ ଛାଡ଼ କରିଥିଲେ। ୨୦୨୨ ଡିସେମ୍ବର ୨୭ରେ ସ୍ଥାନୀୟ ପ୍ରଶାସନ ଉପସ୍ଥିତିରେ ନିର୍ମାଣ ଦାୟିତ୍ୱରେ ଅଏଲ ଇଣ୍ଡିଆ ଫାଉଣ୍ଡେଶନ ଅଧିକାରୀଙ୍କ ଦ୍ୱାରା ଭୂମିପୂଜା କରାଯାଇ ନିଅଁ ଖୋଳାଯାଇଥିଲା। ତେବେ ଜଙ୍ଗଲ ବିଭାଗ ପକ୍ଷରୁ ଲାଗିଥିବା ଜମିରେ ଗଛ ସମ୍ପ୍ରସାରଣ ନ ହେବା ପର୍ଯ୍ୟନ୍ତ କାମ କରିପାରିବେ ନାହିଁ ବନଖଣ୍ଡ ଅଧିକାରୀଙ୍କ ତାଗିଦ୍ ଯୋଗୁ ୨୦୨୩ ଜାନୁଆରୀରୁ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ଜଙ୍ଗଲ ବିଭାଗକୁ ୫୫ଲକ୍ଷ ଟଙ୍କା ଡିପୋଜିଟ ପରେ ପ୍ରସ୍ତାବିତ ଜମିରେ ଜଙ୍ଗଲ ବିଭାଗର ୧୩ଶହ ଗଛରୁ ୭୭୯ ଗଛ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସେହିପରି ବିଦ୍ୟୁତ୍ ବିଭାଗକୁ ୩କୋଟି ୧୦ଲକ୍ଷ ଟଙ୍କା ପଇଠ ପରେ ଉକ୍ତ ଜମିରେ ବଦ୍ୟୁତ୍ ବିଭାଗର ୩୩ ଓ ୧୧ କେଭି ତାର, ଉଚ୍ଚ କ୍ଷମତାସମ୍ପନ୍ନ ଖୁଣ୍ଟ ସମ୍ପ୍ରସାରଣ କରାଯାଇଛି। ୨୦୨୪ ସେପ୍ଟେମ୍ବର ମାସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଖୋର୍ଦ୍ଧା ଗସ୍ତରେ ଆସି ଏହାର ସମୀକ୍ଷା ସହ ସ୍ମାରକୀ ନିର୍ମାଣ କାର୍ଯ୍ୟ ପାଇଁ ଅର୍ଥର ଅଭାବ ରହିବ ନାହିଁ, ତ୍ୱରିତ ଗତିରେ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଗୋଟିଏ ପାର୍ଶ୍ୱରେ ପାଚେରି ନିର୍ମାଣରେ ସୀମିତ ରହିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ତେବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଲାଗି ବିଭିନ୍ନ ମହଲରେ ଦାବି ହେଉଛି।

## ଏମାନେ ଯାହା କୁହନ୍ତି...

" ନୂଆଦିଲ୍ଲୀଠାରେ ପାଇକ ବିଦ୍ରୋହର ଦ୍ୱି ଶତବାର୍ଷିକୀ ଉତ୍ସବକୁ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଉଦ୍‌ଘାଟନ କରିଥିଲେ। ସେହି ସମୟରେ ମୁଖାର୍ଜୀ କହିଥିଲେ, ଓଡ଼ିଶା ବୀର ମାଟି। ଖୋର୍ଦ୍ଧାର ପାଇକ ବିଦ୍ରୋହ ଇତିହାସର ଲିପିବଦ୍ଧ ହୋଇ ରହିଛି। ପାଇକଙ୍କ ବୀରତ୍ୱ, ଶୌର୍ଯ୍ୟକୁ ମୁଖାର୍ଜୀ ପ୍ରଶଂସା କରିଥିଲେ। ପରବର୍ତ୍ତି ସମୟରେ ଏକ ବର୍ଷ ବ୍ୟାପୀ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ, ସଭାସମିତିରେ ପାଇକଙ୍କ ବୀରତ୍ୱର ଗାଥାକୁ ବଖାଣିଥିଲେ। ଓଡ଼ିଆ ଅସ୍ମିତାକୁ ବଜାଏ ରଖାଯାଉ।

**- ଡ.ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ**

" ଖୋର୍ଦ୍ଧା ବୀରତ୍ୱର ମାଟି। ପାଇକ ବୀରମାନେ ନିଜ ମାଟିର ସମ୍ମାନ ଲାଗି ଇଂରେଜ ସରକାରଙ୍କ ବିରୋଧ ସଶସ୍ତ୍ର ସଂଗ୍ରାମ କରିଥିଲେ। ଏହି ପାଇକ ସ୍ମାରକୀ ଆଗାମୀ ଦିନରେ ଏକ ତୀର୍ଥସ୍ଥଳ ପାଲଟିବ। ଦେଶ ବିଦେଶର ପର୍ଯ୍ୟଟକମାନେ ଏହି ସ୍ଥାନର ଗୌରବକୁ ଉପଲବ୍ଧ କରିପାରିବେ। ଏଠି ଯେଉଁ ପାଇକ ସ୍ମାରକୀ ନିର୍ମାଣ ହେବ, ତାହା ସ୍ୱାଭିମାନୀ ପାଇକଙ୍କ ବୀରତ୍ୱର ଗାଥାର ପ୍ରତୀକ ସାଜିବ। ଯାହାକୁ ପରବର୍ତ୍ତୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ। ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉ।

**- ନାରାୟଣ ରାଓ, ଐତିହାସିକ**

" ପାଇକ ବିଦ୍ରୋହ ଓଡ଼ିଆଙ୍କ ସ୍ୱାଭିମାନର ପ୍ରତୀକ। ପ୍ରତ୍ୟେକ ଓଡ଼ିଆ ପଞ୍ଜରତ୍ନକୁ ନେଇ ଗର୍ବ ଅନୁଭବ କରେ। ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା, ପ୍ରସ୍ତାବିତ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଲାଗି ଭାରତର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଯୁକ୍ତି ଉପସ୍ଥାପନ କରାଯିବ ବୋଲି କହିଛନ୍ତି।

**- କୃଷ୍ଣଚନ୍ଦ୍ର ହରିଚନ୍ଦନ, କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ**

" ପୂର୍ବରୁ ସ୍ମାରକୀ ନିର୍ମାଣକୁ ନେଇ ପୂର୍ବ ବିଜେଡି ସରକାର ଏବଂ ଭାଜପା ମୁହାଁମୁହିଁ ହୋଇଥିଲେ। ଏବେ ରାଜ୍ୟରେ ଭାଜପା ସରକାର ରହିଥିବା ବେଳେ ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସମର୍ପିତ ବୋଲି ନିକଟରେ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ। ଡବଲ ଇଞ୍ଜିନ ସରକାର ଏଥିଲାଗି ଆନ୍ତରିକତା ଦେଖାନ୍ତୁ।

**- ଶିଶିର ପରିଡ଼ା, କଂଗ୍ରେସ ନେତା**

## ସଂକ୍ଷେପରେ

### ୧୫ରୁ ଖୋର୍ଦ୍ଧା ମହୋତ୍ସବ

**ଖୋର୍ଦ୍ଧା,୭।୧୨(ପ୍ରଭାତ ପାଣିଗ୍ରାହୀ)**

ସାମାଜିକ ଅନୁଷ୍ଠାନ ନିୟୁ ଥିଙ୍କିଙ୍ଗ୍ ଫୋରମ୍ ଆନୁକୂଲ୍ୟରେ ଖୋର୍ଦ୍ଧା ମହୋତ୍ସବ ଆସନ୍ତା ୧୫ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ହାବେଳି ପଡ଼ିଆରେ ଅନୁଷ୍ଠିତ ହେବ। ୨୦୦୦ମସିହାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଚଳିତ ବର୍ଷ ୨୫ବର୍ଷରେ ପଦାର୍ପଣ କରିଥିବାରୁ ଏହାର ରୌପ୍ୟ ଜୟନ୍ତୀ ସମାରୋହ ପାଳନ କରାଯବ। ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସରକାରୀ ଓ ବେସରକାରୀ ସଙ୍ଗଠନ ପକ୍ଷରୁ ୨୫୦ଟି ପ୍ରଦର୍ଶନୀ ଷ୍ଟଲ୍ ସ୍ଥାନ ପାଇବ। ଏଥିସହିତ ପିଲାଙ୍କ ମନୋରଞ୍ଜନ ପାଇଁ ରାମଦୋଳି, ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ମହୋତ୍ସବର ଅଧକ୍ଷ ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ଆଇନଜୀବୀ ନରେନ୍ଦ୍ର ପୃଷ୍ଟି, ଉପଦେଷ୍ଟା ଶକ୍ତି ଶଙ୍କର ମିଶ୍ର, ମୁଖ୍ୟ ସଂଯୋଜକ ନିକୁଞ୍ଜ ପଟ୍ଟନାୟକ, ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତି, ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, ଗିରିଜା ପଟ୍ଟନାୟକ, ଗୌରୀ ଶଙ୍କର ତ୍ରିପାଠୀ, ବାଲାଜୀ ପାତ୍ର, ପ୍ରକାଶ ପରିଡ଼ା ପ୍ରମୁଖ ରହିଛନ୍ତି।

### ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଆନ୍ଦୋଳନ ଦ୍ୱିତୀୟ ଦିନରେ

**ଟାଙ୍ଗୀ/କଟଣୀ,୭।୧୨ (ରଘୁନାଥ ସାହୁ/ରବୀନ୍ଦ୍ର ନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅଧୀନ ସୋରଣ ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରକାଶ ବେହେରାଙ୍କୁ ମାଡ଼ ମାରିଥିବା ସରପଞ୍ଚ ଏବଂ ତାଙ୍କ ସମର୍ଥକଙ୍କୁ ଗିରଫ ଦାବିରେ ବ୍ଲକ କାର୍ଯ୍ୟାଳୟ ଆଗରେ ଜାରି ରହିଥିବା ଧାରଣା ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଜିଲା ସଂଘ ନିଷ୍ପତ୍ତିକ୍ରମେ ଟାଙ୍ଗୀ ବ୍ଲକ ପିଇଓ ସଂଘର ୧୮ଜଣ ସଦସ୍ୟ କାର୍ଯ୍ୟ ବନ୍ଦ କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସେହିପରି ଜଟଣୀ ବ୍ଲକ ଅନ୍ତର୍ଗତ ୧୫ଟି ପଞ୍ଚାୟତର ସମସ୍ତ ପିଇଓ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବ୍ଲକ କାର୍ଯ୍ୟାଳୟ ଆଗରେ ସଂଘର ବ୍ଲକ ସଭାପତି ଦେବାଶିଷ ସେଠୀ ଏବଂ ସମ୍ପାଦକ ନୀହାର ରଞ୍ଜନ ଦାସଙ୍କ ନେତୃତ୍ୱରେ ଧାରଣାରେ ବସିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।




କଟଣୀ ବ୍ଲକ୍ କାର୍ଯ୍ୟାଳୟ ଆଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି। (ଫଟୋ: ରବୀନ୍ଦ୍ରନାଥ ମହାକୁଡ଼)

### ଚକ୍ଷୁ ଚିକିତ୍ସା ଶିବିର

**ବାଲୁଗାଁ, ୭।୧୨(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଚିଲିକା କୂଳସ୍ଥିତ କାଳିଜାଇ ମୋଟର ବୋଟ ଆସୋସିଏଶନ ଏବଂ କେୟାର ନେତ୍ରମର ମିଳିତ ଆନୁକୂଲ୍ୟରେ ଶନିବାର ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବୋଟ ସଂଘର ସମ୍ପାଦକ କୃଷ୍ଣ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ମୋଟ ୬୨ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେଥିମଧ୍ୟରୁ ୮ଜଣ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲେ। ଏଥିସହ ୧୦ଜଣଙ୍କୁ ଚଷମା ସୁଲଭ ଦରରେ ଯୋଗାଇ ଦିଆଯାଇଥିଲା। କେୟାର ନେତ୍ରମର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ପାଟିସିଆ ଓ କର୍ମଚାରୀମାନେ ଚକ୍ଷୁ ପରୀକ୍ଷା ଶିବିରକୁ ଅନୁଧ୍ୟାନ କରିଥିଲେ। ବୋଟ ସଂଘ ପରିଚାଳକ ଅଭିମନ୍ୟୁ ସାହୁ ଏବଂ ସଦସ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଜଣ୍ଡିସରେ ଆକ୍ରାନ୍ତ ଘଟଣା: ସ୍ଥିତି ପରଖିଲେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ

**ଟାଙ୍ଗୀ,୭।୧୨(ରଘୁନାଥ ସାହୁ)**

ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁର, ଜେମାଦେଇପୁର ଏବଂ କନ୍ଦନୟାଗଡ଼ ଗ୍ରାମର କେତେଜଣ ବ୍ୟକ୍ତି ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ୫ତାରିଖରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଉକ୍ତ ଅଞ୍ଚଳରେ ପହଞ୍ଚି ସ୍ଥିତି ପରଖିବା ସହ ବିଭିନ୍ନ ସ୍ଥାନରୁ ପାନୀୟଜଳ ନମୁନା ସଂଗ୍ରହ କରି ନେଇଥିଲେ।

ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପୁଷ୍ପା ନିର୍ମିମା ଲାକ୍ରାଙ୍କ ସମେତ ମାଇକ୍ରୋ ବାୟୋଲୋଜିଷ୍ଟ, ଲାବ ଟେକ୍ନିସିଆନ ପ୍ରମୁଖ ଟିମରେ ସାମିଲ ହୋଇଥିଲେ। ତେବେ ଦଶ ଦୋଳ ପଡ଼ିଆଠାରୁ ଆସିଥିବା ପାଣି ପାଇପ କେତେକ ସ୍ଥାନରେ ଲିକେଜ ରହିବା ଓ ବାହ୍ୟ ମଳମୂତ୍ର ସଂସ୍ପର୍ଶରେ ଆସି ଏହି ରୋଗ ବ୍ୟାପୁଥିବା ଡାକ୍ତରୀ ଟିମ୍ ପକ୍ଷରୁ ସୂଚନା ମିଳିଛି। ଏକ ବିଦ୍ୟାଳୟ ପରିସରରେ ଥିବା ଦୁଇଟି ନଳକୂପକୁ ତରବରିଆଭାବେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କାର୍ଯ୍ୟକ୍ଷମ କରାଯାଇଛି। ରାମଚଣ୍ଡୀ ମନ୍ଦିରରେ ଥିବା ପାନୀୟଜଳ ଓ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଛି। ଏହା ମଧ୍ୟରେ ୫୭୭ଟି କୂଅ ସମେତ ବିଦ୍ୟାଳୟ କୂଅ, ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ବିଶୁଦ୍ଧକରଣ କରାଯାଇଥିବା ଜଣାପଡିଛି। ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାସ, ଡା. ପୁଷ୍ପା ନିର୍ମିମା ଲାକ୍ରା, ରାଜସୁନାଖଳା ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ ଡା.ଜଗଦୀଶ ଚନ୍ଦ୍ର ଜେନାଙ୍କ ସମେତ ଏକ ଟିମ୍ ପରିଦର୍ଶନରେ ଆସି ସଂକ୍ରମିତ ଅଞ୍ଚଳ ସ୍ଥିତି ପରଖିବା ସହ ରୋଗୀମାନଙ୍କୁ ଭେଟିଥିଲେ। ୪୦ଜଣ ଜଣ୍ଡିସ ରୋଗୀ ଚିହ୍ନଟ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ୨୫ ଜଣ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡା.ଜେନା କହିଛନ୍ତି।



### ଯୁବତୀଙ୍କୁ ଗାଳିଗୁଲଜ ଅଭିଯୋଗ

**ବାରଙ୍ଗ,୭।୧୨(ଲିଙ୍ଗରାଜ ରାଉତ)**

ଜଣେ ଯୁବତୀଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଦାଢାପାଟଣା ଗ୍ରାମର ବାସୁଦେବ ସାହୁ। ଏନେଇ ପୋଲିସ ୪୭୫/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦାଢାପାଟଣା ଷ୍ଟେଟ୍ ବ୍ୟାଙ୍କ ରାସ୍ତାରେ ତପସ୍ୱିନୀ ସେଠୀ ତାଙ୍କ ସାନ ଭଉଣୀ ସହ ଯାଉଥିବାବେଳେ ବାସୁଦେବ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ସାନ ଭଉଣୀ ପାଟି କରିବାରୁ ବାସୁଦେବ ସେଠାରୁ ପଳାଇଥିଲେ। ଏହି ଘଟଣା କାହାକୁ ଜଣାଇଲେ ଜୀବନରୁ ମାରିଦେବେ ବୋଲି ମଧ ସେ ଧମକ ଦେଇଥିଲେ।

### ସାମାଜିକ କର୍ମୀ ନବକିଶୋରଙ୍କ ପରଲୋକ

**କଳାପଥର,୭।୧୨(ଗଙ୍ଗାଧର ସାହୁ)**

ପାଟପୁର ଶାସନ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମର ନବ କିଶୋର ମହାରଣାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କୃଷି ବିଭାଗରୁ ଅବସର ପରେ ସେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇଥିଲେ। ଜଣେ କଣ୍ଠଶିଳ୍ପୀ ଭାବେ ଆକାଶବାଣୀ କଟକ କେନ୍ଦ୍ରରେ ପରିଚିତ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଏବଂ ସାମାଜିକ କର୍ମୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ଠଣାପଲ୍ଲୀ ମିଳିତ ଯୁବକ ସଂଘର କାର୍ଯ୍ୟକାରୀ ସଭାପତି ତଥା ପୃଷ୍ଠପୋଷକ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## କ୍ରୀଡ଼ା ଶରୀର, ମନକୁ ସୁସ୍ଥ ରଖେ

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥିଙ୍କଠାରୁ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ଟାଙ୍ଗୀ,୭।୧୨(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ କୁହୁଡ଼ି ଜନତା କଲେଜର ୩୯ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କଲେଜ ଖେଳପଡିଆରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବକୁ କଲେଜର ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ସ୍ଥାନୀୟ ମହାବୀର ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରାରେ ବାହାରି ଖେଳପଡିଆଠାରେ ପହଞ୍ଚିବା ପରେ ସ୍ଥାପନା କରାଯାଇଥିଲା। ଯୁକ୍ତ ୨ ଏବଂ ଯୁକ୍ତ ୩ ଛାତ୍ରୀଛାତ୍ରମାନେ ଦୌଡ, ଜାଭେଲିନ ଥ୍ରୋ, ଶର୍ଟପୁଟ୍ ଥ୍ରୋ, ଡିସ୍‌କସ ଥ୍ରୋ, ଲଙ୍ଗଜମ୍ପ, ହାଇଜମ୍ପ, ମ୍ୟୁଜିକ ଚେୟାର ଆଦି ୧୫ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଯୁକ୍ତ୨ ବାଳିକା ବିଭାଗରେ ଦୀପ ଦାସ ଓ ବାଳକ ବିଭାଗରେ ଶ୍ରୀତମ ଜେନା ଚାମ୍ପିୟନ ହୋଇଥିବା ବେଳେ ଯୁକ୍ତ ୩ ବାଳକ ବିଭାଗରେ ଦିପୁ ପ୍ରଧାନ ଓ ବାଳିକା ବିଭାଗରେ ଦର୍ଶନୀ ସିଂହ ଚାମ୍ପିୟନ ହୋଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ବରିଷ୍ଠ ଅଧ୍ୟାପକ ଅପର୍ତ୍ତି ବେହେରା ଓ କ୍ରୀଡ଼ା ଶିକ୍ଷକ ଜୟକୃଷ୍ଣ ଶ୍ରୀଚନ୍ଦନ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ କଲେଜର ପୂର୍ବତନ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ପରିଚାଳନା କମିଟି ସଭାପତି ମନୋଜ କୁମାର ମାନସିଂହ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ଯୁକ୍ତ ୨ ଅଧକ୍ଷ ବନଶ୍ରୀ ରାଉତରାୟ, ଯୁକ୍ତ ୩ ଅଧକ୍ଷ ଟୁକୁନା ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## 'ଆମ୍ବେଡକରଙ୍କ ନୀତି, ଆଦର୍ଶ ପାଥେୟ ହେଉ'

**ବୋଲଗଡ଼,୭।୧୨(ଦେବବ୍ରତ ହୋତା)**

ଭାରତୀୟ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କ ଶ୍ରାଦ୍ଧବାର୍ଷିକୀ ଭୁବନେଶ୍ୱର ସର୍କଲ ଏସ୍‌ବିଆଇ ଏସ୍‌ସି/ଏସ୍‌ଟି କର୍ମଚାରୀ ଜନମଙ୍ଗଳ ସଂଘ ପକ୍ଷରୁ ଗୋପାଳପୁର ପଞ୍ଚାୟତ ତାଳତୁମ୍ବସ୍ଥିତ ପଶ୍ଚିମେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ବୋରିକ ସରକାରୀ ଉ.ପ୍ରା. ବିଦ୍ୟାଳୟ, ତାଳତୁମ୍ବ ପଶ୍ଚିମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ମାଣିକାଗୋଡ଼ାର ଗିରିଧାରୀ ବାଞ୍ଛାନିଧି ସରକାରୀ ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ଏସ୍‌ବିଆଇ ସେବା ସଂଘ କର୍ମଚାରୀଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅତ୍ୟାବଶ୍ୟକ ସାମଗ୍ରୀ କମ୍ପ୍ୟୁଟର, ପ୍ରିଣ୍ଟର, ଟେବୁଲ, ଚେୟାର, ଗଡରେଜ ଆଦି ଯୋଗାଇ ଦିଆଯାଇଛି। ଏଥିରେ ଏସ୍‌ବିଆଇ ଭୁବନେଶ୍ୱର ସର୍କଲର ସିଡିଓ ମନୋଜ କୁମାର ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଏସ୍‌ବିଆଇ ସେବା ସଂଘର ସଭାପତି ସୌରଭ ରଞ୍ଜନ ଦାସ, ସମ୍ପାଦକ ଜିତେନ୍ଦ୍ର ନାୟକ, ରାଜସୁନାଖଳା ଶାଖାର ଶାଖା ପ୍ରବନ୍ଧକ ବିଭୂତି ଭୂଷଣ ଦେଓ ଏବଂ ସଂଘର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସଭାରେ ବାବା ସାହେବ ଆମ୍ବେଡକରଙ୍କ ନୀତି ଆଦର୍ଶକୁ ପାଥେୟ କରି ଦେଶ ଗଠନରେ ଛାତ୍ରୀଛାତ୍ରମାନେ କିପରି ବଳିଷ୍ଠ ଭୂମିକା ଗ୍ରହଣ କରିବେ ସେନେଇ ଅତିଥିମାନେ ପରାମର୍ଶ ଦେଇଥିଲେ। ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ସିଂ, ଭକ୍ତଚରଣ ବିଦ୍ୟାପୀଠର ଶିକ୍ଷକ ଦୁର୍ଗାପ୍ରସାଦ ସୁବୁଦ୍ଧି ଏବଂ ବିଜୟ କୁମାର ସାହୁ ପ୍ରମୁଖ ଆମ୍ବେଡକରଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏସ୍‌ବିଆଇ ସେବା ସଂଘର ସଭାପତି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ସିଂ ସଭା ସଂଯୋଜନା କରିଥିବା ବେଳେ ଭକ୍ତ ଚରଣ ବିଦ୍ୟାପୀଠର ଶିକ୍ଷକ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## କୁମାରବସ୍ତ, ଯାଁଳା ବିଜୟୀ

### କୁମାରବସ୍ତ ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟ

**ଖୋର୍ଦ୍ଧା,୭।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲୋକନାଥ ଦେବ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଦ୍ଦଶ ଦିବସରେ କୁମାରବସ୍ତ ଏବଂ ଯାଁଳା ଟିମ୍ ବିଜୟୀ ହୋଇଛି। ଶନିବାର ପ୍ରଥମ ମ୍ୟାଚ୍ କୁମାରବସ୍ତ ଏବଂ ଅରିସଲ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁମାରବସ୍ତ ଟିମ୍ ପ୍ରଥମେ ବ୍ୟାଟିଂ କରି ୮ଉଇକେଟ ବିନିମୟରେ ୧୪୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବନବିହାରୀ ସ୍ୱାଇଁ ୨୮, ଜ୍ୟୋତିରଞ୍ଜନ ସେନାପତି ୨୭ ଏବଂ ସୋଭାକର ପାତ୍ର ୨୨ ରନ କରିଥିଲେ। ଜବାବରେ ଅରିସଲ ଟିମ୍ ୧୨୯ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଶୁଭେନ୍ଦୁ ପ୍ରଧାନ ୩୬ ଏବଂ ପ୍ରବୀଣ ପରିଡ଼ା ୧୯ ରନ କରିଥିଲେ। ଏହି ମ୍ୟାଚରେ ଶ୍ରେଷ୍ଠ ବ୍ୟାଟର ଶୁଭେନ୍ଦୁ ପ୍ରଧାନ, ଶ୍ରେଷ୍ଠ ବୋଲର ସୋମନାଥ ପଳେଇ, ଶ୍ରେଷ୍ଠ ଖେଳାଳି ଜ୍ୟୋତିରଞ୍ଜନ ସେନାପତି ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ଅମ୍ଳାନ ରାଉତରାୟ ପୁରସ୍କୃତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଯାଁଳା ଏବଂ ବାଙ୍କୁଆଲ ଟିମ୍ ମଧ୍ୟରେ ହୋଇଥିଲା। ବାଙ୍କୁଆଲ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୧୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ଦାସ ୨୬ ଏବଂ ଗୌତମ ସ୍ୱାଇଁ ୨୫ ରନ କରିଥିଲେ। ଜବାବରେ ଯାଁଳା ଟିମ୍ ୧୧.୪ ଓଭରରେ ୫ ଉଇକେଟ ବିନିମୟରେ ୧୧୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ୪୨ ଏବଂ ଅଭିଷେକ ପଟ୍ଟନାୟକ ୨୮ରନ କରିଥିଲେ। ଏହି ମ୍ୟାଚରେ ଶ୍ରେଷ୍ଠ ବ୍ୟାଟର ଅଭିଷେକ ପଟ୍ଟନାୟକ, ଶ୍ରେଷ୍ଠ ବୋଲର ଶ୍ରୀକାନ୍ତ ମହାରଣା, ଶ୍ରେଷ୍ଠ ଖେଳାଳି ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ଅଭିମନ୍ୟୁ ସ୍ୱାଇଁ ପୁରସ୍କାର ଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ଛବି ନାରାୟଣ ସାହୁ , ସାନୁଜ ବିଶ୍ୱାଳ ଏବଂ ଦୁର୍ଯ୍ୟୋଧନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। କାଜଲ ବଳିୟାରସିଂ ଏବଂ ସଞ୍ଜୟ ପାଇକରାୟ ମ୍ୟାଚ୍ ରେଫରି, ରଞ୍ଜନ ବରାଳ, ପ୍ରକାଶ ସାହୁ, ଶିବଦତ୍ତ ବଡ଼ଜେନା ଓ ଅର୍ଜୁନ ପରିଡ଼ା ସ୍କୋରରଭାବେ ଦାୟିତ୍ୱ ତୁଲାଇଥିଲେ। ସଂଯୋଜକ ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ଏବଂ ଏସ୍.ଆର ରାୟ କାର୍ଯ୍ୟ କରିଥିଲେ। ଘୋଷକ ଭାବେ ପାର୍ଥସାରଥୀ ରାଉତରାୟ, ଅମିୟ ପ୍ରଧାନ ଏବଂ କମଳ ଦାୟିତ୍ୱ ତୁଲାଇଥିଲେ। ରବିବାର ପ୍ରଥମ ମ୍ୟାଚ୍ କୁମାରବସ୍ତ ଭେଟେରାନ-ଗୁରୁଜଙ୍ଗ ଭେଟେରାନ ଏବଂ ଦ୍ୱିତୀୟ ମ୍ୟାଚ୍ ଫାଇନାଲ ମ୍ୟାଚ ଭାଲିଆବାଡି ଏବଂ ଢେଙ୍କାନାଳ ମଧ୍ୟରେ ହେବ ବୋଲି ବନ ବିହାରୀ ସ୍ୱାଇଁ କହିଛନ୍ତି।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୧୨।୨୦୨୪

| | |
|---|---|
| ୫,୫୫,୨୫୧ ଟଙ୍କା | |
| ସୁନା | ୦.୧୫୦ ଗ୍ରାମ୍ |
| ରୁପା | ୧୩.୧୦୦ ଗ୍ରାମ୍ |

# ଜାତୀୟ ମାନବାଧିକାର ସମ୍ମିଳନୀ ଉଦ୍‌ଘାଟିତ

ପୁରୀ,୭।୧୨(ଅଜିତ କୁମାର ମହାନ୍ତି)



ସମ୍ମିଳନୀରେ ଉପସ୍ଥିତ ଅତିଥି ।

ପୁରୀ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଶନିବାର ତ୍ରିଦିବସୀୟ ଜାତୀୟ ମାନବାଧିକାର ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମାନବାଧିକାର ସଙ୍ଗଠନ ଅଧ୍ୟକ୍ଷ ମନୋଜ ଜେନା ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଦିବସ କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରୁ ଶତାଧିକ ମାନବାଧିକାର କର୍ମୀ ଯୋଗଦେଇଛନ୍ତି। ଅତିଥି ଭାବେ ଆନ୍ଧ୍ରପ୍ରଦେଶରୁ ମାନବାଧିକାର ସଙ୍ଗଠନର ଆଇନଜୀବୀ ଡ. ମନୀଷା ଦାଶ, ବାଲୁ ଆକ୍ସିସା, କୋଲକାତା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଅଭିଜିତ ଚାଟାର୍ଜୀ, ରାଞ୍ଚିରୁ ରାଇମନି ମୁଣ୍ଡା, ପଶ୍ଚିମବଙ୍ଗରୁ ରାଜୀବ ସିଟ୍, ସତ୍‌ଲପ ଭଟ୍ଟାଚାର୍ଯ୍ୟ ଏବଂ ପ୍ରଦୀପ ମଣ୍ଡଳ ପ୍ରମୁଖ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ ଡ. ରାଜୀବ କୁମାର ପଟ୍ଟନାୟକ ସଭାପତିତ୍ୱ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ବର୍ତ୍ତମାନ ସମାଜରେ ବଢୁଥିବା ନିର୍ଯାତନା ଓ ମାନବାଧିକାର ଉଲ୍ଲଂଘନକୁ ମାନବାଧିକାର କର୍ମୀମାନେ କିପରି ବିଭିନ୍ନ ମାନବାଧିକାର ଆୟୋଗକୁ ନେଇ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ସକ୍ଷମ ହୋଇପାରିବେ ସେନେଇ ତାଲିମ ଦିଆଯିବ। ମାନବାଧିକାର ସମ୍ପର୍କିତ ଆଇନ୍‌କାନୁନ ଓ ନିୟମାବଳୀ ଜାଣି ସମାଜରେ ଘଟୁଥିବା ବିଭିନ୍ନ ମାନବାଧିକାର ଉଲ୍ଲଂଘନକୁ ଯେପରି ହ୍ରାସ କରାଯାଇପାରିବ ସେନେଇ ମାନବାଧିକାର ରକ୍ଷକ କର୍ମୀଙ୍କୁ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିବସରେ ଉପସ୍ଥିତ ଥିବା ମାନବାଧିକାର ରକ୍ଷକ କର୍ମୀମାନଙ୍କୁ ଏନେଇ ତାଲିମ ଦିଆଯାଇଥିଲା। ପୁରୀ ଜିଲା ମାନବାଧିକାର ସଂଯୋଜିକା ପ୍ରାନ୍ତସିନୀ ଜେନା, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ଓ ପ୍ରତ୍ନତତ୍ତ୍ୱ ସିଣ୍ଡିକେଟ୍ ସଦସ୍ୟ ଡ. ବଳରାମ ଦାଶ, ଆଇନ୍‌ଜୀବୀ ଶ୍ରୀକାନ୍ତ ପରିଜା ଏବଂ ପାତ୍ରିକ ଉଚ୍ଚବିଦ୍ୟାଳୟର ଡ. ଶଶିକାନ୍ତ ରଥ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଦ୍ୟାଳୟସ୍ତରୀୟ ଖାଦ୍ୟ ଓ ବିଜ୍ଞାନ ମେଳା



ଚାରିଛକ, ୭।୧୨(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ନେତୃତ୍ୱରେ ସ୍କୁଲ୍ ପରିସରରେ ବିଦ୍ୟାଳୟସ୍ତରୀୟ ଖାଦ୍ୟ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ନିରଞ୍ଜନ କର, ସମ୍ମାନିତ ଅତିଥି ତଥା ବିଚାରକ ଭାବେ ନାଗବସ୍ତ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ, ବେଗୁନିଆ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର ମୁଦୁଲି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଶିକ୍ଷାକେନ୍ଦ୍ରର କୁନି ବୈଜ୍ଞାନିକମାନେ ପରିବେଶ ସୁରକ୍ଷା ଉପରେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ପରେ କୁନିକୁନି ପିଲାମାନେ କିଭଳି ଭାବେ ଖାଦ୍ୟ ସମ୍ପର୍କରେ ଜାଣିପାରିବେ ସେନେଇ ଧ୍ୟାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ନରେନ୍ଦ୍ର କୁମାର ଶତପଥୀ, ଉପାଧ୍ୟକ୍ଷ ନିରଞ୍ଜନ ସେନ, ବରିଷ୍ଠ ଶିକ୍ଷକ ବନମାଳୀ ରାଉତ, ଶିକ୍ଷକ ମନୋଜ କୁମାର ଦାଶ, କମଳ ଲୋଚନ ବାରିକ, ଅରୁଣ କୁମାର ମହାନ୍ତି, ଦୀପକ କୁମାର ଦାଶ, ରମେଶ ଚକ୍ରବର୍ତ୍ତୀ, ଦୀପକ କୁମାର ଦାଶ, ଦିଲୀପ କୁମାର ତ୍ରିପାଠୀ, ଦିଲୀପ କୁମାର ରାଉତଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ସଂକ୍ଷେପରେ

### ମା' ମଙ୍ଗଳାଙ୍କ ଘୋଡ଼ଲାଗି ବେଶ

ଅସ୍ତରଙ୍ଗ,୭।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ମାର୍ଗଶିର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପୁରୀ ଜିଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ଜଗଜ୍ଜନନୀ ମା' ମଙ୍ଗଳା ମନ୍ଦିରରେ ବିଳମ୍ବିତ ରାତ୍ରରେ ଓଢ଼ଣ ଷଷ୍ଠୀ ତିଥିରେ ଘୋଡ଼ଲାଗି ନୀତି ଅନୁଷ୍ଠିତ ହୋଇଯାଇଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ପରିଧାନ କରନ୍ତି ମା' ମଙ୍ଗଳା। ଏଥିପାଇଁ ପାରମ୍ପରିକ ସେବାୟତମାନେ ମା' ମଙ୍ଗଳାଙ୍କ ଏହି ଘୋଡ଼ ବା ଶୀତବସ୍ତ୍ର ବେଶ ନିଷ୍ଠାର ସହ ପ୍ରସ୍ତୁତ କରିଥାନ୍ତି। ମନ୍ଦିର ସେବାୟତ ତାପସ କୁମାର



ଦୀକ୍ଷିତ କହିଛନ୍ତି, ପ୍ରବଳ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ପରିଧାନ କରିବେ। ଓଢ଼ଣ ଷଷ୍ଠୀ ଅବସରରେ ମା' ମଙ୍ଗଳାଙ୍କ ସକାଳ ଧୂପ, ମଇଲମ, ଅବକାଶ ନୀତି ସହ ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ଓ ରାତ୍ରଧୂପ ସରିବା ପରେ ଘୋଡ଼ଲାଗି ବେଶ ଅନୁଷ୍ଠିତ ହୁଏ। ଏହାସହ ମନ୍ଦିର ଭିତରେ ଥିବା ବିଭିନ୍ନ ପାର୍ଶ୍ୱ ଦେବଦେବୀ ମଧ୍ୟ ଶୀତବସ୍ତ୍ର ପରିଧାନ କରିଥାନ୍ତି। ମା' ମଙ୍ଗଳାଙ୍କ ମନ୍ଦିରରେ ଏହି ବେଶ ଓଢ଼ଣଷଷ୍ଠୀଠାରୁ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ।

### ମହିଳାଙ୍କ ବେକରୁ ସୁନା ଚେନ ଲୁଟିନେଲେ ଦୁର୍ବୃତ୍ତ

ଯୋଗେଶ୍ୱରପୁର,୭।୧୨(ରଶ୍ମିରଞ୍ଜନ ସାହୁ)

ସ୍ଥାନୀୟ ନୂଆପାଟଣା ପ୍ରାଥମିକ ବିଦ୍ୟାଳୟ ନିକଟରୁ ଶନିବାର ରାତି ସମୟରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍ ହୋଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ନୂଆପାଟଣା ଗ୍ରାମର ପ୍ରତିମା ସାହୁ ରାତି ପ୍ରାୟ ୮ଟା ସମୟରେ ଘରକୁ ଯାଉଥିବାବେଳେ ସ୍କୁଲ ନିକଟରେ ୨ ଜଣ ଯୁବକ ଆସି ତାଙ୍କ ବେକରୁ ୧୫ ଗ୍ରାମର ଚେନ୍ ଛିଣ୍ଡାଇ ନେଇଯାଇଥିଲେ। ପ୍ରତିମା ଚେନ୍‌କୁ ଧରି ଥିବାରୁ ତାଙ୍କ ହାତରେ ଚେନ୍‌ର କିଛି ଅଂଶ ଛିଣ୍ଡି ରହିଯାଇଥିବା ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରି ହିନ୍ଦୁ ସୁରକ୍ଷା ମଞ୍ଚ, ପୁରୀ ପକ୍ଷରୁ ଶନିବାର ବଡ଼ଦାଣ୍ଡରେ ଆୟୋଜିତ ପ୍ରତିବାଦ ସଭା ଅବସରରେ ସୁରକ୍ଷା ନେଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନରେ ଦୁର୍ନୀତି ଅଭିଯୋଗ

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାରେ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନରେ ବଡ଼ ଦୁର୍ନୀତି ହୋଇଛି ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପୁରୀ ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏଏପି ଜିଲା ଆବାହକ ସଞ୍ଜୀବ ମହାନ୍ତି, ନଗର ଉପସଭାପତି ଦେବ ପ୍ରଧାନ, ବରିଷ୍ଠ ସମାଜ ସଭାପତି ଉପେନ୍ଦ୍ର କୁମାର ଜେନା, ଯୁବ ସମ୍ପାଦକ ଜନ୍ମେଜୟ ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ସରକାର ବଦଳିବା ସହ ସ୍କୁଲ ଡ୍ରେସ୍ ରଙ୍ଗ ବଦଳିଲା। କିନ୍ତୁ ଡ୍ରେସ୍ ମାନ ଖରାପ ହେଲା। ଟଙ୍କା ଖାଇବାକୁ ଏଭଳି ଯୋଜନା ହୋଇଛି। ସରକାର ଘୋଷଣା କରିଥିଲେ, ମହିଳା ସମିତି ଦ୍ୱାରା ଡ୍ରେସ୍ ସିଲାଇ କରି ଯୋଗାଇଦିଆଯିବ, ଫଳରେ ମହିଳା ସ୍ୱାବଲମ୍ବୀ ହେବେ। କିନ୍ତୁ ତାହା ବାସ୍ତବରେ ହୋଇନାହିଁ। ମହିଳାଙ୍କ ନାମରେ ଦୋକାନରୁ ଜିନିଷ କିଣାହୋଇ ଆସୁଛି। ସେଥିରେ ଷ୍ଟିଚିଂ ନାହିଁ, ନିମ୍ନମାନର ଡ୍ରେସ୍ ଦିଆଯାଉଛି। ଆଗେ ସ୍କୁଲ କମିଟି ଫାଇନାଲ କରୁଥିଲା, କିନ୍ତୁ ଏବେ ସ୍କୁଲ କମିଟିର କ୍ଷମତାକୁ ସଂକୁଚିତ କରି ଅଧିକାର ଛଡ଼ାଇ ନିଆଗଲା। ପୁରୀ ଜିଲାରେ ୧ କୋଟି ଟଙ୍କାର ହେରଫେର ହୋଇପାରେ ବୋଲି ଆକଳନ କରାଯାଉଛି। ପୁରୀ ସଦର ପାଇଁ ୧୪ଟି ସଂସ୍ଥାକୁ ବଣ୍ଟନ ଦାୟିତ୍ୱ ଦିଆଯାଇଥିବା ବେଳେ ବ୍ରହ୍ମଗିରି ବ୍ଲକରେ ଗୋଟିଏ ସଂସ୍ଥାକୁ ଦିଆଯାଇଛି। କ'ଣ ପାଇଁ ଏତେ ଅନୁକମ୍ପା ତାହା ପ୍ରଶ୍ନବାଚୀ ହୋଇଛି। ଏ ନେଇ ତଦନ୍ତ ସହ ଏହା ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଏଏପି ବିରୋଧ ଓ ଆନ୍ଦୋଳନ କରିବ।

# ଶ୍ରୀମନ୍ଦିରରେ ଘୋଡ଼ଲାଗି ନୀତି

ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ଶୁକ୍ଳପକ୍ଷ ଷଷ୍ଠୀ ତିଥି ଶନିବାର ଅବସରରେ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଓଢ଼ଣ ଷଷ୍ଠୀ ନୀତି ସମ୍ପନ୍ନ ହୋଇଯାଇଛି। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରାଗୁଡ଼ିକ ମଧ୍ୟରେ ଓଢ଼ଣ ଷଷ୍ଠୀ ପ୍ରମୁଖ। ମହାପ୍ରଭୁ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଏହି ବେଶ ହେବେ। ଏହି ଅବସରରେ ସକାଳ ଧୂପ ବଢ଼ିବା ପରେ ମଇଲମ କରାଯାଇଥିଲା। ପରେ ପୂର୍ବରାତିରୁ ଅର୍ଥାତ ପଞ୍ଚମୀ ତିଥିରୁ ଅଧିବାସିତ ହୋଇଥିବା ଘୋଡ଼ଗୁଡ଼ିକୁ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିର ଚାରିପାଖରେ ତିନିଘେରା ପ୍ରଦକ୍ଷିଣ କରାଯାଇ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ପରେ ଶ୍ରୀବିଗ୍ରହମାନଙ୍କୁ ରତ୍ନସିଂହାସନରେ ପାଗ ଓ ଘୋଡ଼ଲାଗି କରାଯାଇ ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପରେ ପ୍ରସାଦ ଲାଗି ସହ ତିନିବାଡ଼ରେ ବନ୍ଦାପନା କରାଯାଇଥିଲା। ୭ଦିନରେ ଠାକୁରମାନେ ୭ ପ୍ରକାର ରଙ୍ଗର ଘୋଡ଼ ପରିଧାନ କରିବାର ବିଧି ରହିଛି। ପରମ୍ପରା ଅନୁସାରେ ଶ୍ରୀବିଗ୍ରହମାନେ ରବିବାର ଲାଲ, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ, ବୁଧବାର ନୀଳ, ଗୁରୁବାର ହଳଦିଆ ଏବଂ ଶୁକ୍ରବାର ଧଳା ଏବଂ ଶନିବାର କଳା ରଙ୍ଗର ଘୋଡ଼ ପରିଧାନ କରିଥାନ୍ତି। ଚଳିତ ଥର ସୋମବାର ଓଢ଼ଣ ଷଷ୍ଠୀ ପଡ଼ିଥିବାରୁ ଶ୍ରୀବିଗ୍ରହମାନଙ୍କୁ କଳାଛିଟା ମିଶା ଶୁକ୍ଳରଙ୍ଗର ଘୋଡ଼ଲାଗି କରାଯାଇଛି। ମହାପ୍ରଭୁଙ୍କ ଘୋଡ଼ଲାଗି ସହ ଶ୍ରୀମନ୍ଦିରରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ଘୋଡ଼ଲାଗି କରାଯାଇଛି। ଶ୍ରୀମନ୍ଦିର ସହ ଘରଗୁଡ଼ିକରେ ଥିବା ଠାକୁରଙ୍କୁ ଲୋକମାନେ ପରମ୍ପରା ଅନୁସାରେ ଘୋଡ଼ଲାଗି କରିଛନ୍ତି।

# 'ଦିବ୍ୟାଙ୍ଗଙ୍କୁ ଉପଯୁକ୍ତ ସମ୍ମାନ, ଅଧିକାର ମିଳିବା ଉଚିତ'




ପୁରୀ,୭।୧୨(ଅଜିତ କୁମାର ମହାନ୍ତି)

ବାଲେଶ୍ୱରର ମାନବ ଉତ୍ଥାନ ସେବା ସଂସ୍ଥାନ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ପୁରୀ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରକ୍ଷକ ନାୟକ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଭିନ୍ନକ୍ଷମ ସଂସ୍ଥା ସମ୍ପାଦକ କେ. ନାରାୟଣ ରାଓ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଅଧିକାରୀ ଶୁଭ୍ରାଂଶୁ ମହାରଣା ଏବଂ ଦିବ୍ୟାଙ୍ଗ ପୂଜନର କୃତ୍ତିବାସ ଦାସ ପ୍ରମୁଖ ଯୋଗଦେଇଥିଲେ। ସବୁକ୍ଷେତ୍ରରେ ଦିବ୍ୟାଙ୍ଗମାନଙ୍କୁ ଉପଯୁକ୍ତ ସମ୍ମାନ ଏବଂ ଅଧିକାର ମିଳିବା ଉଚିତ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ମାନସ କୁମାର ପଣ୍ଡା, ଜ୍ୟୋସ୍ନାରାଣୀ ଜେନା, ନୀଳମାଧବ ସାହୁ, ପର୍ଶୁରାମ ବେହେରା ଓ କୁମୁଦିନୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଗ ନେଇଛନ୍ତି ୧୯ ପୁରୁଷ, ୧୬ ମହିଳା ଦଳ

ପୁରୀ,୭।୧୨( ଅଜିତ୍ କୁମାର ମହାନ୍ତି)

**୩୨ ତମ ରାଜ୍ୟସ୍ତରୀୟ ସିନିୟର୍ ଥ୍ରୋ ବଲ୍ ଚାମ୍ପିୟନସିପ୍**

୩୨ ତମ ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିୟନ୍‌ଶିପ ଶନିବାର ଉଦଘାଟିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ଡ. ସମ୍ବିତ କୁମାର ପାତ୍ର ଯୋଗଦେଇ ଉଦ୍‌ଘାଟନ କରି କହିଛନ୍ତି, ଆଗାମୀ ଦିନରେ କିଭଳି ଖେଳାଳିମାନଙ୍କ ପାଖରେ ଆଧୁନିକ ଉପକରଣ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦିଆଯିବ। ଜାତୀୟସ୍ତରରେ ଏହି ଖେଳର ଉନ୍ନତୀକରଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ଖେଳ କିପରି ଏସିଆନ୍ ଗେମ୍ସରେ ଅନ୍ତର୍ଭୁକ୍ତ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

ଏହି ଅବସରରେ ବରିଷ୍ଠ ଶ୍ରୀମନ୍ଦିର ସେବକ ମଧୁସୂଦନ ସିଂହାରୀ, ଆଇନଜୀବୀ ଦିଗ୍‌ଦର୍ଶନ ପଟ୍ଟନାୟକ, ପୂର୍ବତନ କ୍ରୀଡ଼ା ପ୍ରଶାସକ ଓ କ୍ରୀଡ଼ା ସଂଗଠକ କୃଷ୍ଣଚନ୍ଦ୍ର ପଣ୍ଡା ଓ କ୍ରୀଡ଼ା ସମୀକ୍ଷକ ତଥା ଥ୍ରୋବଲ୍‌ର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଦାସ, ମନୋଜ ବିଶୋଇ, ଓଡ଼ିଶା ଥ୍ରୋବଲ ଆସୋସିଏଶନ ଉପସଭାପତି ମଧୁସୂଦନ ମିଶ୍ର, ସମ୍ପାଦକ ଜିତେନ୍ଦ୍ର ଦାସ ପ୍ରମୁଖଙ୍କ ଉପସ୍ଥିତିରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୧୯ ପୁରୁଷ ଦଳ, ୧୬ ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମକରି ଆଧୁନିକଶୈଳୀରେ ପ୍ରସ୍ତୁତ ମ୍ୟାଟରେ ଖେଳାଳିମାନେ ଖେଳୁଛନ୍ତି। ଫଳରେ ଚଳିତ ନ୍ୟାଶନାଲ ଚାମ୍ପିୟନଶିପରେ ଭଲ ଖେଳ ପ୍ରଦର୍ଶନ କରିବ ବୋଲି ଆଶା ରଖିଛନ୍ତି ଓଡ଼ିଶା ଥ୍ରୋବଲ ଆସୋସିଏଶନର ସମ୍ପାଦକ ଜିତେନ୍ଦ୍ର ନାଥ ଦାସ।

ଅପରପକ୍ଷରେ ରାଜ୍ୟ ସିନିୟର ଥ୍ରୋବଲ ସମସ୍ତ ମ୍ୟାଚରୁ ଭଲ ଖେଳ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଚୟନ ପାଇଁ ୫ଜଣିଆ ଟିମ୍ ଗଠନ କରାଯାଇଛି, ତେଣୁ ଓଡ଼ିଶା ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ଓଡ଼ିଶା ଦଳ ବାରମ୍ବାର ମହିଳା ଓ ପୁରୁଷ ଦଳ ରନର୍ସ ଅପ୍ ଜାତୀୟ ମ୍ୟାଚରେ ପାଇଛନ୍ତି। ଓଡ଼ିଶାର ପ୍ରତିଟି ଜିଲାରେ ଥ୍ରୋବଲ ବହୁଳ ପ୍ରସାରିତ ହେଲେ ମଧ୍ୟ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କର ପ୍ରୋତ୍ସାହନର ଆବଶ୍ୟକତା ରହିଛି ଏବଂ ବିଦ୍ୟାଳୟସ୍ତରରୁ ଏହି ଖେଳକୁ ପ୍ରୋତ୍ସାହନ ଦେବା ଦ୍ୱାରା ତୃଣମୂଳସ୍ତରରେ ଖେଳର ବିକାଶ ହେବ ବୋଲି ଓଡ଼ିଶା ଥ୍ରୋବଲ ଆସୋସିଏଶନର ଉପସଭାପତି ମଧୁସୂଦନ ମିଶ୍ର ଗୁରୁତ୍ୱରୋପ କରିଛନ୍ତି।

# କୁମ୍ଭକାରଙ୍କ କୁରାଳ ପଞ୍ଚମୀ ଉତ୍ସବ, ଚକ୍ରପୂଜା

ନିମାପଡ଼ା,୭।୧୨(ବିଚିତ୍ରାନନ୍ଦ ସାହୁ)



କୁମ୍ଭକାର ସମ୍ପ୍ରଦାୟର କୁରାଳ ପଞ୍ଚମୀ, ଓଢଣ ଷଷ୍ଠୀ ଉତ୍ସବ ବହୁ ପ୍ରାଚୀନ ଓ ନିଆରା ପରମ୍ପରା। ମାର୍ଗଶିର ଶୁକ୍ଳପକ୍ଷ ପଞ୍ଚମୀ ତିଥିରୁ ଏହି ପର୍ବ ଆରମ୍ଭ ହୋଇ ଦଶମୀ ତିଥିରେ ଶେଷ ହୋଇଥାଏ। ପର୍ବରେ କୁମ୍ଭକାରଙ୍କ ଇଷ୍ଟ ଦେବତା ପ୍ରଭୁ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଏହି ୫ ଦିନିଆ ପର୍ବରେ ଠାକୁରଙ୍କ ନିକଟରେ ୫ ପ୍ରକାରର ସନ୍ତୁଡ଼ି ଭୋଗ ଲାଗି ହେବାର ପରମ୍ପରା ରହିଛି। ପଞ୍ଚମୀ ତିଥିରେ ଅନ୍ନ, ଷଷ୍ଠୀରେ ପିଠାପଣା, ସପ୍ତମୀରେ ଦହି ପଖାଳ, ଅଷ୍ଟମୀରେ ଖେଚୁଡ଼ି, ନବମୀରେ ଚକୁଳି ପିଠା ପ୍ରଭୁ ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କ ପାଖରେ ଲାଗି ହୋଇଥାଏ। ଏହି ପର୍ବ ଅବସରରେ କୁମ୍ଭକାର ୫ ଦିନ ବ୍ୟାପୀ ସେମାନଙ୍କ କୁଳବେଉସା ମାଟି କାମକୁ ବନ୍ଦ ରଖିଥାନ୍ତି। ଏଥିରେ କୁମ୍ଭକାରଙ୍କ ଚକ୍ର, ପିଣ୍ଡ, ପାଟଣା, ଉଆଭାଟି ଆଦି ପୂଜାର୍ଚ୍ଚନା କରାଯାଇଥାଏ। ଷଷ୍ଠୀରେ ଠାକୁରଙ୍କ ପାଖରେ ନୂତନ ଓଢଣ ଲାଗି କରାଯାଏ। ଏହି ପରିପ୍ରେକ୍ଷୀରେ ନିମାପଡ଼ା ଏନ୍‌ଏସି ଅଧୀନ ବଡ଼ ବଜାର ମୁଦୁଲି ସାହୁର କୁମ୍ଭକାର ଭାଇମାନଙ୍କ ପକ୍ଷରୁ ଲକ୍ଷ୍ମୀ ନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଆଦି ଧୁମଧାମରେ ପାଳିତ ହେଉଥିବା କୁମ୍ଭକାର ଭାଇ ଦ୍ୱିଜବର ମୁଦୁଲି, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ଭୀମସେନ ପ୍ରମୁଖ କହିଛନ୍ତି। ଏହି ଅବସରରେ ନିମାପଡ଼ା ବଜାର ମୁଦୁଲି ସାହି ବେଶ ଉତ୍ସବ ମୁଖର ହୋଇଉଠିଛି। ଏହି ପୂଜା, ଉତ୍ସବ ଦେଖିବାକୁ ପୂଜା ମଣ୍ଡପରେ ସନ୍ଧ୍ୟାରେ ଲୋକଙ୍କ ଭିଡ଼ ଜମିବାରେ ଲାଗିଛି।

# କାନାରା ବ୍ୟାଙ୍କର ଆଞ୍ଚଳିକ ଗ୍ରାହକ ସମ୍ମିଳନୀ




ପୁରୀ,୭।୧୨(ଅଜିତ୍ କୁମାର ମହାନ୍ତି)

କାନାରା ବ୍ୟାଙ୍କର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଆଞ୍ଚଳିକ ଗ୍ରାହକ ସମ୍ମିଳନୀ ଶନିବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀକୁ କାନାରା ବ୍ୟାଙ୍କ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଅଶୋକ ଚନ୍ଦ୍ରା, ଓଡ଼ିଶା ରାଜ୍ୟ ସାଧାରଣ ପ୍ରବନ୍ଧକ ଜଗଦୀଶ ଚନ୍ଦ୍ରା ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୁରୀ ଏଲ୍‌ଡିଏମ କେ କେ ଆଚାର୍ଯ୍ୟ, ଜିଏମଡିଆଇସି ଅମୂଲ୍ୟ ରତ୍ନ ପଣ୍ଡା, ସିଡିଭିଓ ଡ. ଶରତ କୁମାର ବେହେରା ଏବଂ ପୁରୀ କାଜୁ ଉଦ୍ୟୋଗ ସଭାପତି ରଞ୍ଜୟ ପଟ୍ଟନାୟକ ଉପସ୍ଥିତ ରହି ସଭା ପରିଚାଳନା କରିବା ସହିତ ଗ୍ରାହକଙ୍କୁ କେମିତି ବ୍ୟାଙ୍କ୍‌ରୁ ସୁଚାରୁରୂପେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ନିମନ୍ତେ ଋଣ ମିଳିପାରିବ ତାହା ଉପରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। କାଜୁ, ମତ୍ସ୍ୟ, ଧାନ କଳ ଋଣ କିପରି ଭାବରେ ଉପଲବ୍ଧି କରିବେ ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ବ୍ୟାଙ୍କ୍‌ର ଭୁବନେଶ୍ୱର କ୍ଷେତ୍ର ମୁଖ୍ୟ ପ୍ରବନ୍ଧକ ସୁଭାଶିଷ ଭଟ୍ଟାଚାର୍ଯ୍ୟ, ଇକୋ କାନାରା ବ୍ୟାଙ୍କ୍ ପୁରୀ ମୁଖ୍ୟ ଶାଖା ପ୍ରବନ୍ଧକ ଡ. ଦେବେନ୍ଦ୍ର ସିଂହ, ପୁରୀ ବଡ଼ଦାଣ୍ଡ ଶାଖା ପ୍ରବନ୍ଧକ ଆଦିତ୍ୟ ନାରାୟଣ ତ୍ରିପାଠୀ, ପୁରୀ ନବକଳେବର ଶାଖା ପ୍ରବନ୍ଧକ ନୀଳମାଧବ ଚିତ୍ତରଞ୍ଜନ ଶତପଥୀ, ଚନ୍ଦନପୁର ଶାଖା ପ୍ରବନ୍ଧକ ସମ୍ବିତ ସୁବୁଦ୍ଧି ତଥା ଅନ୍ୟାନ୍ୟ ସମସ୍ତ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ।

# ୧୦ରୁ ମହୋଦଧି ଦିବସ, ବିଚ୍ ଆଣ୍ଡ୍ ଓସେନ ସ୍ପୋର୍ଟ୍ସ କାର୍ନିଭାଲ

ପୁରୀ, ୭।୧୨(ଅଜିତ କୁମାର ମହାନ୍ତି)



ଉତ୍ସବ ଆୟୋଜନ ସମ୍ପର୍କରେ ଆୟୋଜକମାନେ ସୂଚନା ଦେଉଛନ୍ତି।

- ଜୋନାଥନ ରବିନସନ ପାଇବେ ମହୋଦଧି ସମ୍ମାନ
- ଭାଗନେବେ ୧୦ ଦେଶର ୩୫ ପ୍ରତିନିଧି
- ଇଣ୍ଡୋ-ଶ୍ରୀଲଙ୍କା ପୋଷ୍ଟର ଉନ୍ମୋଚିତ

ପୁରୀ ବେଳାଭୂମିରେ ଡିସେମ୍ବର ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ମହୋଦଧି ଦିବସ ପାଳନ ସହ ବିଚ୍ ଆଣ୍ଡ ଓସେନ ସ୍ପୋର୍ଟ୍ସ କାର୍ନିଭାଲ ଆୟୋଜନ ହେବ। ଏନେଇ ସାମାଜିକ ସଙ୍ଗଠନ 'ଦି ବେଲ୍'ପକ୍ଷରୁ ଶନିବାର ବୃନ୍ଦାବତୀ ଭକ୍ତ ନିବାସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

'ଦି ବେଲ୍'ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଛନ୍ତି, ବେଳାଭୂମି ଓ ସମୁଦ୍ର ଜଳରାଶିକୁ ସଫା ରଖିବା, ପରିବେଶ ସନ୍ତୁଳନ ରକ୍ଷା ପାଇଁ ଏହି ଉତ୍ସବ ସଚେତନତାର ବାର୍ତ୍ତା ଦେବ। ଉତ୍ସବରେ ୧୦ଟି ଦେଶରୁ ୩୫ ଜଣ ଅନ୍ତର୍ଜାତୀୟ ପ୍ରତିନିଧି ଯୋଗଦେବେ। ସମୁଦାୟ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଚଳିତବର୍ଷ ଆମେରିକାର ଜୋନାଥନ ରବିନସନଙ୍କୁ ମହୋଦଧି ସମ୍ମାନରେ ସମ୍ମାନିତ କରାଯିବ। ସାମାଜିକ ସଙ୍ଗଠନ 'ସେଭ୍ କୋଷ୍ଟାଲ ଲାଇଫ୍'କୁ କଳିଙ୍ଗ ସାଗର ସମ୍ମାନରେ ସମ୍ମାନିତ କରାଯିବ। ସବୁଠାରୁ ଆକର୍ଷଣୀୟ ହେବ ଚିତ୍ରକଳା ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଚ୍ ସ୍ପୋର୍ଟ୍ସ ଓ ସମୁଦ୍ରରେ କ୍ରୀଡ଼ା କୌଶଳ। ବେଳାଭୂମିରେ କାର୍ଯ୍ୟରତ ଲାଇଫଗାର୍ଡମାନେ ମଧ୍ୟ ସଚେତନ ଓ ଅନୁଭୂତି ଆରୋହଣ କରିବେ। ଭାରତର ଉପକୂଳ ପର୍ଯ୍ୟଟନ ଓ ପରିବେଶ ସଚେତନତା ସୃଷ୍ଟି କରାଯିବ। ଭାରତୀୟ କାୟାକିଂ ଆଣ୍ଡ୍ କାନୋଇଂ ଆସୋସିଏଶନ, ରାଷ୍ଟ୍ରୀୟ ଲାଇଫଗାର୍ଡ ସଙ୍ଗଠନ (ଭାରତ), ପୁରୀ ବିଚ୍ ଲାଇଫଗାର୍ଡ ମହାସଙ୍ଘ, ଅନ୍ତର୍ଜାତୀୟ ସର୍ଫ ଲାଇଫ ସେଭିଂ ଆସୋସିଏଶନ (ଆମେରିକା) ଏବଂ ଶ୍ରୀଲଙ୍କାର ଜୀବନ ସଞ୍ଚୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ପୁରୀ ବେଳାଭୂମିରେ ମହୋଦଧି ଇଭେଣ୍ଟଗୁଡ଼ିକ କ୍ରମାଗତ ଚତୁର୍ଥ ବର୍ଷ ଧରି ଅନୁଷ୍ଠିତ ହେଉଛି, ଯେଉଁଥିରେ ଜୀବନ ରକ୍ଷାକାରୀ କ୍ରୀଡ଼ା, ସାଂସ୍କୃତିକ ପ୍ରଦର୍ଶନୀ ସହ ସାମୁଦ୍ରିକ ସଂରକ୍ଷଣ ପ୍ରଦର୍ଶନୀ ଉପରେ ଏକ ବିଶେଷ ତିନିଦିନିଆ କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ଜୀବନ ରକ୍ଷାକାରୀ ଦକ୍ଷତା ପ୍ରଦର୍ଶନ ପାଇଁ ଅମୂଲ୍ୟ ସୁଯୋଗ ସୃଷ୍ଟି କରିବ। ମୁଖ୍ୟ ଆକର୍ଷଣ ମଧ୍ୟରେ ପ୍ରଥମ ଇଣ୍ଡୋ–ଶ୍ରୀଲଙ୍କା ଜୀବନ ରକ୍ଷାକାରୀ କ୍ରୀଡ଼ା ଚାମ୍ପିୟନଶିପ୍ ରହିଛି। ଏଥିସହ ସମୁଦ୍ର କ୍ରୀଡ଼ା, ସାମୁଦ୍ରିକ ଜୀବନ ସଂରକ୍ଷଣ ପ୍ରଦର୍ଶନୀ ଓ କର୍ମଶାଳା ହେବ। ଦର୍ଶକମାନେ ବିଚ୍ ଓ ଓସେନ ସ୍ପୋର୍ଟସ୍ କାର୍ନିଭାଲର ମଜା ନେଇପାରିବେ। ବିଭିନ୍ନ ପାରମ୍ପରିକ ଖାଦ୍ୟ ସହ ଫୁଡ୍ ଷ୍ଟଲ ଖୋଲିବ। ପ୍ରତି ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟ, ଆଲୋଚନାଚକ୍ର, କବିତା ପାଠୋତ୍ସବ, ସମ୍ମାନ ସମାରୋହରେ ଅତିଥିମାନେ ଯୋଗଦେବେ। ଏହି ଅବସରରେ ଇଣ୍ଡୋ–ଶ୍ରୀଲଙ୍କା ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଉକ୍ତ ଖବରଦାତା ସମ୍ମିଳନୀରେ ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର, ୱାର୍କିଂ କମିଟି ଅଧ୍ୟକ୍ଷ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଉତ୍ସବ ଷ୍ଟିୟରିଂ କମିଟି ଅଧ୍ୟକ୍ଷ ନାରାୟଣ ଦାସ, ଦି ବେଲ୍ ଉପାଧ୍ୟକ୍ଷ ସୁକାନ୍ତ ପଣ୍ଡା, ଇଣ୍ଡିଆ ଲାଇଫ ସେଭିଂ ସ୍ପୋର୍ଟସ ସିନିୟର୍ କୋଚ୍ କୌସ୍ତୁଭ ବକ୍ସି, ପୁରୀ ବିଚ୍ ଲାଇଫ ଗାର୍ଡ ମହାସଂଘ ସମ୍ପାଦକ ହେରି ରାଓ, ପୁରୀ ମିଡିଆ ଇନ୍‌ଚାର୍ଜ ବିଜୟ ମିଶ୍ର, ପରିବର୍ତ୍ତନ ଓଡ଼ିଶାର ସୁଶାନ୍ତ ପଢ଼ିଆରୀ, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଟକରେ ହେବ ଅତ୍ୟାଧୁନିକ ତାରକସି ହବ୍

କଟକ,୭।୧୨(କାର୍ତ୍ତିକ ସାହୁ)

ରୁପା ତାରକସୀ କାରିଗରଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ତଥା ତାରକସୀ ଶିଳ୍ପର ଉନ୍ନତୀକରଣ ନିମନ୍ତେ କଟକରେ ହେବ ତାରକସୀର ଅତ୍ୟାଧୁନିକ ହବ୍ ବା କମନ୍ ଫାସିଲିଟି ସେଣ୍ଟର ଅଫ୍ ଏକ୍ସେଲେନ୍ସ ଫର୍ ତାରକସୀ। ଏହି ଅତ୍ୟାଧୁନିକ ହବ୍‌ରେ କାରିଗରଙ୍କୁ ନୂତନ ଜ୍ଞାନକୌଶଳଯୁକ୍ତ ଯନ୍ତ୍ରପାତି ଓ ଅତ୍ୟାଧୁନିକ ତାଲିମ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ। ଏଥିସହ ତାରକସୀ ସାମଗ୍ରୀ ପ୍ରଦର୍ଶନୀ, ବିକ୍ରି ତଥା ରପ୍ତାନି, ବିନା ଶୁଳ୍କରେ ରୁପା କ୍ରୟ, ତାରକସୀ ସାମଗ୍ରୀ ତିଆରି ସମୟରେ ଏହାର ନିର୍ମାଣ ମୂଲ୍ୟ ବା ମେକିଙ୍ଗ ଚାର୍ଜ କିପରି ହ୍ରାସ କରାଯାଇପାରିବ, ମାନ ନିର୍ଦ୍ଧାରଣ ସୁବିଧା ଆଦି ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏମ୍‌ଓୟୁ (ବୁଝାମଣାପତ୍ର) ଶନିବାର ସ୍ୱାକ୍ଷରିତ ହୋଇଛି।


ଏମ୍‌ଓୟୁ ସ୍ୱାକ୍ଷରବେଳେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ଅନ୍ୟମାନେ।

ସୂଚନାନୁସାରେ, ତାରକସୀ ହବ୍ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସିଡିଏସ୍ଥିତ ପେଟାନାଳ ସଂଲଗ୍ନ ଅଞ୍ଚଳରେ ୭ହଜାର ବର୍ଗଫୁଟ ସ୍ଥାନ ଚିହ୍ନଟ କରାଯାଇଛି।

**ଜିଲା ପ୍ରଶାସନ-ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ**

ଆଇଆଇଟି ଭୁବନେଶ୍ୱର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଦେବା ପରେ ରାଜ୍ୟ ସରକାରଙ୍କୁ ପ୍ରକଳ୍ପ ଅନୁମୋଦନ ନିମନ୍ତେ ପ୍ରସ୍ତାବ ଦିଆଯିବ। ଆଇଆଇଟି ଭୁବନେଶ୍ୱର କମନ ଫାସିଲିଟି ସେଣ୍ଟରର ଡିଜାଇନ, ବୈଷୟିକ ସହାୟତା, ମାର୍କେଟିଂ ପ୍ଲାନ, ବ୍ରାଣ୍ଡ ତିଆରି କରିବା ଆଦି ରଣନୀତି ପ୍ରସ୍ତୁତ କରିବ। ଏଥିସହ ସଫଳ ଉଦ୍ୟୋଗ ସୃଷ୍ଟି ନିମନ୍ତେ ଟ୍ରେନିଂ ମଡ୍ୟୁଲ ଓ ଷ୍ଟାର୍ଟଅପ୍‌ମାନଙ୍କୁ ମାର୍ଗଦର୍ଶନ କରାଯିବ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏବଂ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀପଦ କରମଲକାରଙ୍କ ଉପସ୍ଥିତିରେ ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏନ୍ଟ୍ରପ୍ରେନରଶିପ ପାର୍କର ସିଇଓ ଡ. ଶୁଭଙ୍କର ପତି ଏବଂ ଜିଲା ଶିଳ୍ପକେନ୍ଦ୍ରର ସହାୟକ ନିର୍ଦ୍ଦେଶକ ନମିତା ମିଶ୍ର ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଜିଲାର ବିଭିନ୍ନ ତାରକସୀ ସଂଘ ଏବଂ ତାରକସୀ କାରିଗର ଏଥିରେ ଉପସ୍ଥିତ ଥିଲେ। ଏହି କମନ୍ ଫାସିଲିଟି ସେଣ୍ଟରରେ ଗ୍ରାହକମାନେ ତାରକସୀ କାରିଗରଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିବାର ସୁଯୋଗ ପାଇବେ। ଜିଲା ନିବେଶ ପ୍ରୋତ୍ସାହନ ସଂସ୍ଥା (ଦୀପା) ଏହି ଉତ୍କର୍ଷ କେନ୍ଦ୍ର ନିର୍ମାଣ ସମ୍ପର୍କିତ ଜମି ଅଧିଗ୍ରହଣ ଭଳି ମୌଳିକ ଆବଶ୍ୟକତା ପୂରଣରେ ସହାୟତା ଯୋଗାଇ ଦେଉଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଏଲ୍‌ଆଇସି ଗୋଲ୍ଡେନ୍ ଫାଉଣ୍ଡେଶନ ପକ୍ଷରୁ ଏସ୍‌ଏଲ୍‌ଏସ୍ ଟ୍ରଷ୍ଟକୁ ଆମ୍ବୁଲାନ୍ସ ପ୍ରଦାନ



ଭୁବନେଶ୍ୱର,୭।୧୨(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଗୋଲ୍ଡେନ୍ ଫାଉଣ୍ଡେଶନ୍‌ର କଟକ ମଣ୍ଡଳ ସହାୟତାରେ ମୟୂରଭଞ୍ଜସ୍ଥିତ ଏସ୍ ଏଲ୍ ଏସ୍ ଟ୍ରଷ୍ଟକୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହି ଟ୍ରଷ୍ଟ ଏକ ଦଶନ୍ଧିରୁ ଅଧିକ ସମୟ ହେବ ଜିଲାରେ ବିଭିନ୍ନ କାର୍ଯ୍ୟ କରିଆସୁଛି। ବିଶେଷକରି ଜଙ୍ଗଲ ଅଞ୍ଚଳ, ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଥିବା ଆଦିବାସୀ, ହରିଜନ ଓ ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ଦିଗରେ କାର୍ଯ୍ୟ କରୁଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ଟ୍ରଷ୍ଟକୁ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ସମୟରେ ଏହି ଆମ୍ବୁଲାନ୍ସ ଟ୍ରଷ୍ଟର ସହନିର୍ଦ୍ଦେଶକ ସୁବୋଧ କୁମାରଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଏଲ୍‌ଆଇସିର ସିଇଓ ତଥା ଏମ୍‌ଡି ସିଦ୍ଧାର୍ଥ ମହାନ୍ତି, ପୂର୍ବ-ମଧ୍ୟ କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରବଣ କୁମାର, କଟକ ମଣ୍ଡଳର ବିପଣନ ପ୍ରବନ୍ଧକ ଅଶୋକ କୁମାର ରାୟଙ୍କ ସମେତ ଏସ୍ ଏଲ୍ ଏସ୍ ଟ୍ରଷ୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନନ୍ଦନକାନନରେ ସିମ୍ପାଞ୍ଜି 'ଜୁଲୁ' ଅସୁସ୍ଥ

ତ୍ରିଶୂଳିଆ,୭।୧୨(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୦ ନଂ. ଖୁଆଡ଼ରେ ରହୁଥିବା ୩୪ ବର୍ଷୀୟ ଅଣ୍ଡିରା ସିମ୍ପାଞ୍ଜି 'ଜୁଲୁ'ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ସେ ଶନିବାର ବୁଲାବୁଲି କରୁଥିବାବେଳେ ହଠାତ୍ ମୁଣ୍ଡ ବୁଲାଇବାରୁ ଗୋଟିଏ ସ୍ଥାନରେ ବସି ରହିଥିଲା। ସୂଚନାପାଇ ପ୍ରାଣୀ ବିଭାଗର ଅଧିକାରୀ ପହଞ୍ଚି ଜୁଲୁର ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିବାବେଳେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ। ଜୁଲୁ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସିଙ୍ଗାପୁରରୁ ୧୯୯୪ ମେ' ୧୬ରେ ୪ବର୍ଷର ଜୁଲୁ' ଓ ୩ ବର୍ଷର ମାଈ ସିମ୍ପାଞ୍ଜି ପାମ୍ପେଟାକୁ ପ୍ରଥମ କରି ନନ୍ଦନକାନନ ଅଣାଯାଇଥିଲା।

## 'ସ୍ୱାଧୀନଚେତା ବ୍ୟକ୍ତି ଥିଲେ ଭାଗବତ ଚରଣ'


ସାରସ୍ୱତ ସାଧକ ଭାଗବତ ଚରଣ ମହାନ୍ତିଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୭।୧୨(କାର୍ତ୍ତିକ ସାହୁ)

ସ୍ୱାଧୀନତା ପରେ ଓଡ଼ିଶାର ନବନିର୍ମାଣ କ୍ଷେତ୍ରରେ ଭାଗବତ ଚରଣ ମହାନ୍ତିଙ୍କ ଅବଦାନ ଉଲ୍ଲେଖଯୋଗ୍ୟ। ଜଣେ ସ୍ୱାଧୀନଚେତା ଓ ସ୍ୱାଭିମାନୀ ବ୍ୟକ୍ତି ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସ୍ୱାଧୀନତା ସଂଗ୍ରାମୀଙ୍କୁ ସହଯୋଗ ଓ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ତାଙ୍କର ଭୂମିକା ରହିଥିଲା ବୋଲି ଭାଗବତ ଚରଣ ମହାନ୍ତିଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଅତିଥିମାନେ କହିଛନ୍ତି। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ଭାଗବତ ଚରଣ ମହାନ୍ତିଙ୍କ ତୈଳଚିତ୍ର କଟକ ଶତାବ୍ଦୀ ଭବନରେ ଶନିବାର ଉନ୍ମୋଚିତ ହୋଇଯାଇଛି।

**ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତୈଳଚିତ୍ର ଉନ୍ମୋଚନ**

ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସମ୍ମାନିତ ଅତିଥି ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦୀ ଏବଂ ମୁଖ୍ୟବକ୍ତା ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ତୈଳଚିତ୍ରକୁ ଅନାବରଣ କରିବା ସହିତ ଭାଗବତ ଚରଣଙ୍କ ମହନୀୟ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ନିରଞ୍ଜନ ପଟ୍ଟନାୟକ ଭାଗବତ ଚରଣଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଚିତ୍ରଶିଳ୍ପୀ ଶ୍ରୀଜା ପଟ୍ଟନାୟକ ମୁଖ୍ୟ ଅତିଥି ପଟ୍ଟନାୟକଙ୍କୁ ସ୍ୱଅଙ୍କିତ ଗୌତମବୁଦ୍ଧଙ୍କ ଚିତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପସଭାପତି ମନୋଜ ପଟ୍ଟନାୟକ ସ୍ୱାଗତ ଭାଷଣ, ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟା ସରୋଜିନୀ ମିଶ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ ତପନ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, ବ୍ରହ୍ମାନନ୍ଦ ମହାନ୍ତି, ଦିଲୀପ କୁମାର ଦାସ, ମୁରଲୀଧର ଶତପଥୀ, ରାଧାଶ୍ୟାମ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ, ୭।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡିଝାଟିଆଠାରେ ଆସନ୍ତା ବର୍ଷ ଫେବୃୟାରୀ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ୬ଷ୍ଠ ବାର୍ଷିକୀ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀଜଗନ୍ନାଥ ଭକ୍ତ ସମାଜ ଚୌଦ୍ୱାର ପକ୍ଷରୁ ଗୁରୁଡିଝାଟିଆସ୍ଥିତ ମା' ବାସନ୍ତୀ ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୁରୁଡିଝାଟିଆ-କୋତର ଗ୍ରାମ କମିଟି ସଭାପତି ଅମରେନ୍ଦ୍ର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭକ୍ତ ସମାଜ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ସମ୍ପାଦକ ଶରତ କୁମାର ଖୁଣ୍ଟିଆ, ଅଜୟ ଦାସ ମହାପାତ୍ର ଓ ସନ୍ତୋଷ ଧର ଯୋଗଦେଇ ଉକ୍ତ ଆଧାତ୍ମିକ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ବିବରଣୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଜଗନ୍ନାଥ ପ୍ରେମୀ, ଭକ୍ତ ଓ ସାଧୁ ଯୋଗଦେବେ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏହିସବୁ କାର୍ଯ୍ୟ ସମ୍ପାଦନ ପାଇଁ ଗୁରୁଡିଝାଟିଆ ଗ୍ରାମବାସୀ ଓ ମା' ବାସନ୍ତୀ ଦୁର୍ଗା କଳା ପରିଷଦର ଯୁବକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ନାରାୟଣ ସ୍ୱାଇଁ, ଶୁଭେନ୍ଦୁ ସାମଲ, ସ୍ୱପ୍ନାରାଣୀ ନାୟକ, ଅଜୟ ବେହେରା, ବିମଳ ବେହେରା, ବିମ୍ବାଧର ନାୟକ, ଅସିତ ବାବା, ସୁରେନ୍ଦ୍ର ଜେନା, କୁମରମଣି ଷଣ୍ଢ, ରଶ୍ମିରଞ୍ଜନ ସାହାଣୀ, ମାନସ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲାକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ଆହ୍ୱାନ


କାର୍ଯ୍ୟକ୍ରମରେ ଅତିଥିମାନେ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

କଟକ,୭।୧୨(କାର୍ତ୍ତିକ ସାହୁ)

କଟକ ଜିଲାକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଜିଲାସ୍ତରୀୟ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଶନିବାର ଆରମ୍ଭ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଜିଲାକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଦୀର୍ଘଦିନ ଧରି କାଶ କିମ୍ବା ଛାତିରେ ଯନ୍ତ୍ରଣା ଅନୁଭବ କଲେ ତୁରନ୍ତ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବାକୁ କହିଥିଲେ। ଏହି ଅଭିଯାନ ମାଧ୍ୟମରେ ଯକ୍ଷ୍ମା ହେବାର ଆଶଙ୍କା ଥିବା ରୋଗୀଙ୍କୁ ଚିହ୍ନଟ ଓ ସେମାନଙ୍କର ଚିକିତ୍ସା ଉପରେ ଧ୍ୟାନ ଦିଆଯିବ। ବିଶେଷକରି ୫ ବର୍ଷ ମଧ୍ୟରେ ଯକ୍ଷ୍ମା ଆକ୍ରାନ୍ତ ରୋଗୀଙ୍କ ନିକଟ ସମ୍ପର୍କୀୟ,

**୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନର ଶୁଭାରମ୍ଭ**

ଧୂମ୍ରପାନ ଓ ମଦ୍ୟପାନ କରୁଥିବା ବ୍ୟକ୍ତି, ମଧୁମେହରେ ପୀଡ଼ିତ ବ୍ୟକ୍ତି, ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ବ୍ୟକ୍ତି, ଅପପୁଷ୍ଟିର ଶିକାର କିମ୍ବା ଏଚ୍‌ଆଇଭିରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଯକ୍ଷ୍ମା ହେବାର ଅଧିକ ଆଶଙ୍କା ରହିଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରସନ୍ନ କୁମାର ହୋତା ଉପସ୍ଥିତ ରହି ଯକ୍ଷ୍ମା ରୋଗରୁ ବିଜୟ ଲାଭ କରିଥିବା ଲୋକଙ୍କୁ ସମ୍ମାନିତ କରିଥିଲେ। ଏଥିସହ ପୋଷ୍ଟର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଜିଲାରେ ଯକ୍ଷ୍ମା ନିରାକରଣ ସମ୍ବନ୍ଧିତ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା।

## ବିଜ୍ଞାନ ମେଳାରେ ୧୦୦ ପ୍ରକଳ୍ପ ପ୍ରଦର୍ଶିତ

କଟକ ସଦର,୭।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ସାମନ୍ତରାପୁରସ୍ଥିତ ୱିଜ୍‌ଡମ ପବ୍ଲିକ ସ୍କୁଲରେ ବାର୍ଷିକ ବିଜ୍ଞାନମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଶ୍ରେଣୀର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୧୦୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷାବିତ୍ ସଲମାନ ଖାଁ, ଡ. ସିଦ୍ଧାନ୍ତ ଶେଖର ବିଷୋୟୀ ଓ ଚନ୍ଦନ କୁମାର ନନ୍ଦୀ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶକ ପ୍ରୀତମ ଚୌଧୁରୀ, ଅଧ୍ୟକ୍ଷା ଅପରାଜିତା ଘୋଷାଲଙ୍କ ସମେତ ଶିକ୍ଷୟିତ୍ରୀ ଓ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛିଡ଼ିଲା ରେଳ ଫାଟକ କେବୁଲ, ଫସିଲେ ଯାତ୍ରୀ

ତ୍ରିଶୂଳିଆ,୭।୧୨(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ନରାଜ-ମାର୍ଥାପୁର ରେଳ ଫାଟକ ଖୋଲିବାବେଳେ କୌଣସି କାରଣରୁ ଫାଟକର କେବୁଲ ଛିଡ଼ି ଯିବାରୁ ହଠାତ୍ ଗେଟ୍‌ଟି ଖସି ପଡ଼ିଛି। ଫଳରେ ରେଳ ଫାଟକ ମଝିରେ ଏତାଧିକ ଲୋକ ଫସି ରହିଥିଲେ। ସୌଭାଗ୍ୟବଶତଃ ସେମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ରେଳ ଫାଟକ ଜଗୁଆଳି ଗେଟ୍ ଟେକି ଧରିବା ପରେ ଲୋକେ ଫାଟକ ପାରି ହୋଇଥିଲେ। ଗେଟ୍‌ର ମରାମତି ଦାୟିତ୍ୱରେ ଥିବା ରେଳ କର୍ମଚାରୀଙ୍କ ବେପରୁଆ କାର୍ଯ୍ୟ ପାଇଁ ଏପରି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ଏଭଳି ଘଟଣା ଯେପରି ନ ଘଟେ ସେ ନେଇ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଭିଡ଼ରେ ଘଣ୍ଟାଏ ଫସିରହିଲା ଆମ୍ବୁଲାନ୍ସ

ତ୍ରିଶୂଳିଆ,୭।୧୨(ତୁଷାରକାନ୍ତ ବେହେରା)

ବାରଙ୍ଗ ଅଞ୍ଚଳରେ ଏକାଧିକ ବିବାହ ମଣ୍ଡପ ହୋଇଥିବାବେଳେ ଅନେକରେ ପାର୍କିଂ ସୁବିଧା ନାହିଁ। ଫଳରେ ଲୋକେ ମଣ୍ଡପ ବାହାରେ ଗାଡ଼ି ପାର୍କିଂ କରୁଛନ୍ତି। ଏଥିଯୋଗୁ ଅନେକ ସମୟରେ ବାରଙ୍ଗ-ନନ୍ଦନକାନନ ମୁଖ୍ୟରାସ୍ତା ଜାମ ହୋଇ ଭିଡ଼ ପରିଲକ୍ଷିତ ହେଉଛି। ଶନିବାର ରାତି ୯ଟାରୁ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଏଭଳି ଅବସ୍ଥା ରହିଥିଲେ ମଧ୍ୟ ଭିଡ଼ ନିୟନ୍ତ୍ରଣ ପାଇଁ କୌଣସି ପୋଲିସ ବା ଟ୍ରାଫିକ କର୍ମଚାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଏପରିକି ୧ ଘଣ୍ଟାରୁ ଅଧିକ ସମୟ ଧରି ଏକ ଆମ୍ବୁଲାନ୍ସ ଭିଡ଼ ଭିତରେ ଫସି ରହିଥିଲା। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ମଣ୍ଡପ ଆଗରେ ହେଉଥିବା ବେଆଇନ ପାର୍କିଂ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଲିଫ୍ଟ ଅଚଳ, କାମରେ ଲାଗୁନି ବ୍ୟାଡ୍‌ମିଣ୍ଟନ କୋର୍ଟ

କଟକ,୭।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏଠାରେ ଥିବା ନୂତନ କୋଠାରେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଲିଫ୍ଟ ପ୍ରାୟ ୪ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଅଚଳ ହୋଇପଡିଛି। ଏଥିଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ଲିଫ୍ଟ ଓ କ୍ୟାଣ୍ଟିନ୍ ସମ୍ମୁଖ ଏବଂ ମହାବିଦ୍ୟାଳୟର ବ୍ୟାଡ୍‌ମିଣ୍ଟନ କୋର୍ଟରେ ଅଦରକାରୀ, ଭଙ୍ଗାରୁଜା ସାମଗ୍ରୀ ଗଦା ହୋଇରହିଛି। ଏଥିଯୋଗୁ ଛାତ୍ରମାନଙ୍କ ଖେଳକୁଦରେ ସମସ୍ୟା ହେଉଛି।

ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପୁରୁଣା ଏବଂ ନୂତନ କୋଠାରେ ରୋଗୀ ସେବା ନିମନ୍ତେ କାର୍ଯ୍ୟ କରି ଆସୁଅଛି।





ପୁରୁଣା କୋଠାରେ ଗୋଟିଏ ଲିଫ୍ଟ ଡାକ୍ତର, କର୍ମଚାରୀ, ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ରହିଛି। ହେଲେ ଏହି ଲିଫ୍ଟ ଅଧିକାଂଶ ସମୟ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ପୂର୍ବରୁ ଏହି ଲିଫ୍ଟ ଖରାପ ଯୋଗୁ ଅନେକ ଥର ଡାକ୍ତର, କର୍ମଚାରୀ ଏବଂ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଫସି ରହିଛନ୍ତି। ପରବର୍ତ୍ତୀ ସମୟରେ ସେମାନଙ୍କୁ ସେଥିମଧ୍ୟରୁ ଉଦ୍ଧାର କରାଯାଇଛି। ସେହିପରି ନୂତନ କୋଠାରେ ଦୁଇଟି ଲିଫ୍ଟ ରହିଛି। ସେଥିମଧ୍ୟରୁ ଗୋଟିଏ ଲିଫ୍ଟ ଡାକ୍ତର ଓ କର୍ମଚାରୀଙ୍କ ପାଇଁ ଥିବାବେଳେ ଅନ୍ୟଟି ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ରହିଛି। ହେଲେ ରୋଗୀଙ୍କ ପାଇଁ ଥିବା ଲିଫ୍ଟ ଅଚଳ ହୋଇପଡିଥିବାବେଳେ ଏହା ସମ୍ମୁଖରେ ଅଦରକାରୀ ସାମଗ୍ରୀ ପକାଯାଇଛି। ଅପରପକ୍ଷରେ ମହାବିଦ୍ୟାଳୟରେ ପ୍ରାୟ

**ଅବ୍ୟବସ୍ଥାରେ ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ ଓ ଚିକିତ୍ସାଳୟ**

୩୭୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନେ ବ୍ୟାଡ୍‌ମିଣ୍ଟନ ଖେଳିବା ପାଇଁ ଏକ କୋର୍ଟ ତିଆରି କରାଯାଇଥିଲା। ଏବେ ସେଠାରେ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଅଦରକାରୀ ସାମଗ୍ରୀ ରଖାଯାଇଛି। ଏ ନେଇ ଜଣେ ରୋଗୀଙ୍କ ସମ୍ପର୍କୀୟ ପରିଚୟ ଗୋପନ ରଖି କହିଛନ୍ତି, ଏଠାରେ ଥିବା ଅନେକ ଅବ୍ୟବସ୍ଥାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତୁରନ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ଦରକାର। ଅପରପକ୍ଷରେ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପ୍ରିନ୍ସିପାଲ ପ୍ରଫେସର ଡା. ଜୟନ୍ତ ଦାସଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ପ୍ରତିକ୍ରିୟା ମିଳିପାରି ନାହିଁ।

**ଫଟୋ ରେ ଖବର**


କଟକ ମହାନଦୀ ବିହାରସ୍ଥିତ ମହାନଦୀ ଭବନରେ ବ୍ରହ୍ମା କୁମାରିଜ୍ ପକ୍ଷରୁ ଶନିବାର ଅନୁଷ୍ଠିତ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।



ୱାଇଏମ୍‌ସିଏ କଟକ ପକ୍ଷରୁ ୱାଇଏମ୍‌ସିଏ ପରିସରରେ ଶନିବାର ଅନୁଷ୍ଠିତ ଖ୍ରୀଷ୍ଟମାସ କ୍ୟାରୋଲ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

